

# ଭୁବନେଶ୍ୱର ସିଟି

## ବ୍ୟବସାୟୀଙ୍କ ଠାରୁ ଲୁଟ୍ ଘଟଣାର ପର୍ଦ୍ଦାଫାସ

# ୪ ନକଲି ପୁଲିସ ଅଫିସର୍ ଗିରଫ

ଭୁବନେଶ୍ୱର, ୫ ।୪(ସମିସ)

ପିତାପଲ୍ଲୀ ଛକରୁ ବ୍ୟବସାୟୀଙ୍କଠାରୁ ଲୁଟ୍ ଘଟଣାର ପର୍ଦ୍ଦାଫାସ କରିଛି କମିସନରେଟ୍ ପୁଲିସ୍ । ଏହି ଘଟଣାରେ ଇନ୍‌ଫୋଭ୍ୟାଲି ଥାନା ପୁଲିସ୍ ଏବଂ ସ୍ପେଶାଲ ସ୍କ୍ୱାଡ୍ ୪ ଜଣ ନକଲି ପୁଲିସ ଅଧିକାରୀଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା, କୁମାରବସ୍ତା ଗ୍ରାମର ସୋମନାଥ ଜେନା ଓରଫ ସୋମା, ଖୋର୍ଦ୍ଧା କଦଳୀବାଡ଼ିର ଦୀପ୍ତି ରଞ୍ଜନ ବଳିଆରସିଂ ଓରଫ ଦୀପକ, ନୟାଗଡ଼ର ଆଶିଷ କୁମାର ଦାଶ ଏବଂ ଜଙ୍କିଆ ଅଞ୍ଚଳର ସ୍ମୃତିରଞ୍ଜନ ସେଠୀ । ସେମାନଙ୍କୁ ଖୋର୍ଦ୍ଧା, ଜଟଣୀ ଏବଂ ନୟାଗଡ଼ରୁ ଗିରଫ କରାଯାଇଥିବା ଜଣାପଡ଼ିଛି । ସେମାନଙ୍କ ନିକଟରୁ ଲୁଟ୍ ହୋଇଥିବା ଟଙ୍କା ଭିତରୁ ୯ ଲକ୍ଷ ୬୯ ହଜାର ଟଙ୍କା, ୪ଟି ଗାଡ଼ି ଏବଂ ୩ଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି । ସୋମନାଥ ନାଁରେ ହତ୍ୟା, ଅସଦାଚରଣ, ଗଣ୍ଡଗୋଳ ଭଳି ୪ଟି ମାମଲା ଥିବା ବେଳେ ଦୀପ୍ତିରଞ୍ଜନ ନାଁରେ ଗୋଟିଏ ଯୌତୁକ ନିର୍ଯାତନ ମାମଲା ରହିଛି ।

କମିସନରେଟ୍ ପୁଲିସର ସୂଚନା ଅନୁଯାୟୀ, ଭୁବନେଶ୍ୱର ଶାସ୍ତ୍ରୀନଗର ଉଦୟଭାନୁ ବିଶ୍ୱାଳ ଖୁଚୁରା ଟଙ୍କା କାରବାର କରନ୍ତି । ସେ ବଡ଼ ନୋଟ ବଦଳରେ ଖୁଚୁରା ଦେଇ କମିଶନ ପାଆନ୍ତି । ତେଣୁ ଉଦୟଭାନୁ, ତାଙ୍କ ଦୁଇ ସହଯୋଗୀ ଶମ୍ଭୁନାଥ ସାହୁ ଓ ଧର୍ମେନ୍ଦ୍ର ରେଡ୍ଡୀ ଗତ ୩୧ ତାରିଖ ରାତିରେ ଛତ୍ରପୁରରୁ ଟଙ୍କା ଧରି ରାତିରେ ଭୁବନେଶ୍ୱର ଫେରୁଥିଲେ । ତେବେ ପିତାପଲ୍ଲୀ ଛକରେ ସୋମନାଥ ଜେନା, ଦୀପ୍ତି ରଞ୍ଜନ ବଳିଆରସିଂ, ଆଶିଷ କୁମାର ଦାସ ଓ ସ୍ମୃତି ରଞ୍ଜନ ସିଂ ନିଜକୁ ପୁଲିସ୍ ଅଫିସର୍ ବୋଲି ପରିଚୟ ଦେଇ ସେମାନଙ୍କୁ ଅଟକାଇଥିଲେ । ପରେ ସେମାନେ ଟଙ୍କା ବ୍ୟାଗ୍ ଧରି ଚମ୍ପଟ ମାରିଥିଲେ । ଏଥିସହ ସେମାନଙ୍କର ଏକ ଗାଡ଼ି ଏବଂ ମୋବାଇଲ୍ ଫୋନ୍ ଲୁଟି ନେଇଥିଲେ । ଏନେଇ ଇନ୍‌ଫୋଭ୍ୟାଲି ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ଅଭିଯୋଗକୁ ଭିତ୍ତିକରି ପୁଲିସ୍ ଘଟଣାର ତଦନ୍ତ ପାଇଁ ୪ ଜଣିଆ ଟିମ୍ ଗଠନ କରିଥିଲା । ଶୁକ୍ରବାର ୪ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି ପୁଲିସ ।



- ୯ ଲକ୍ଷ ୬୯ ହଜାର ଟଙ୍କା, ୪ ବାଇକ୍ ଜବତ
- ଜାମିନରେ ଆସି ଲୁଟ୍ କରୁଥିଲା ହତ୍ୟା ଅଭିଯୁକ୍ତ

ଏହି ଲୁଟ୍‌ର ମାଷ୍ଟର ମାଇଣ୍ଡ ସୋମନାଥ ନାଁରେ ହତ୍ୟା ଓ ଲୁଟ୍ ମାମଲା ରହିଛି । ସେ ହତ୍ୟା ମାମଲାରେ ଗିରଫ ହୋଇ ଜେଲ୍ ମଧ୍ୟ ଯାଇଥିଲା । ଜାମିନରେ ଆସି ହାଇୱା ଲୁଟ୍‌ରେ ସାମିଲ ହୋଇଥିଲା । ପରେ ସେ ଏକ ବ୍ୟାଙ୍କ୍‌ରେ ରିକଭରୀ ବଏ ଭାବେ କାମ କରୁଥିଲା । ସେଠାରେ ଅନ୍ୟ ୩ ଅଭିଯୁକ୍ତଙ୍କ ସହ ମିଶି ଏକ ଗ୍ୟାଙ୍ଗ୍ ଗଢ଼ି ବଡ଼ ବଡ଼ ଲୁଟ୍‌ପାଟ କରିବାକୁ ଯୋଜନା କରୁଥିଲା । ୪ଜଣ ଯାକ ରିକଭରି କର୍ମଚାରୀ ଭାବେ କାମ କରୁଥିବା ସମୟରେ ଉଦୟଭାନୁ ଖୁଚୁରା ଟଙ୍କା ବ୍ୟାଙ୍କ୍‌ରୁ ଆଣୁଥିବାର ଅଭିଯୁକ୍ତମାନେ ଦେଖିଥିଲେ । ସବୁଦିନ ବ୍ୟାଙ୍କ୍‌କୁ ୧୦ରୁ ୧୨ଲକ୍ଷ ଉଦୟଭାନୁ ଆଣୁଥିବାର ୪ଜଣ ଅଭିଯୁକ୍ତ ଜାଣିବାକୁ ପାଇ ତାଙ୍କୁ ଲୁଟ୍ ପାଇଁ ଯୋଜନା କରିଥିଲେ । ତେଣୁ ୪ଜଣ ଉଦୟଭାନୁଙ୍କ ପିଛା କରି ଟିକ୍‌ନିକ୍ ତଥ୍ୟ ନେଉଥିଲେ । ଶେଷରେ ୩୧ତାରିଖରେ ଛତ୍ରପୁରରୁ ଖୁଚୁରା ଆଣି ଆସିବା ସମୟରେ ପିତାପଲ୍ଲୀ ଛକରେ ୪ଜଣ ଅଭିଯୁକ୍ତ ତାଙ୍କୁ ପୁଲିସ ଅଫିସର୍ କହି ଲୁଟ୍‌ପାଟ କରିଥିଲେ ।

### ଧରାଇଦେଲା ବାଘ ଟାଟୁ

ଲୁଟ୍ ପରେ ପୁଲିସ ଅଭିଯୋଗକାରୀ ଉଦୟଭାନୁଙ୍କ ବୟାନ ନେଇଥିଲା । ସେ ବ୍ୟାଙ୍କ୍‌କୁ ଯିବା ସମୟରେ ସେଠାରେ କାମ କରୁଥିବା ଯୁବକଙ୍କ ହୁଲିଆ ଲୁଟ୍ କରିଥିବା ଯୁବକଙ୍କ ହୁଲିଆ ସମାନ ଲାଗୁଥିବା କହିଥିଲେ । ପୁଲିସ ସେହିକ୍ରମରେ ତଦନ୍ତ ଆରମ୍ଭ କରିଥିଲା । ଲୁଟ୍ କରିଥିବା ଯୁବକଙ୍କ ହାତରେ ଏକ ବାଘ ଟାଟୁ ଥିବା ଦେଖିଥିଲା ପୁଲିସ । ତେଣୁ ଟାଟୁ ନେଇ ପୁଲିସ ତାର ଖବରୀ ଲଗାଇ ଦେଇଥିଲେ । ଅଭିଯୁକ୍ତମାନେ ଲୁଟ୍ କରିଥିବା ନୂଆ ନୋଟ ବ୍ୟବହାର କରିବା ବେଳେ ଅଭିଯୁକ୍ତ ହାତରେ ଥିବା ବାଘ ଟାଟୁ ବାବଦରେ ପୁଲିସକୁ ତଥ୍ୟ ମିଳିଥିଲା । ଆଉ ଏହି ଟାଟୁ ଯୋଗୁଁ ଅଭିଯୁକ୍ତଙ୍କୁ ପୁଲିସ ଚିହ୍ନଟ କରିଥିଲା । ପରେ ସେମାନଙ୍କ ଫୋନ୍ ନମ୍ବରକୁ ଟ୍ରାକ୍ କରି ଗିରଫ କରିଥିଲା ପୁଲିସ ।

---

ଟ୍ରେଡିଂ ଆପ୍‌ରେ ୮୫ ଲକ୍ଷ ଠକେଇ ମାମଲା

## କୋଟିପତି ହେବାର ସ୍ୱପ୍ନ ଦେଖାଉଥିବା ଠକ ଗିରଫ

ଭୁବନେଶ୍ୱର, ୫ ।୪(ସମିସ)

ସ୍ୱଳ୍ପ ସମୟ ମଧ୍ୟରେ କୋଟିପତି ହେବାର ସ୍ୱପ୍ନ ଦେଖାଇ ୮୫ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ସାଇବର୍ ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଲା ଖଣ୍ଡଗିରି ଥାନା ଡୁମୁଡୁମା ଅଞ୍ଚଳରେ ରହୁଥିବା ପୁରୀ ଜିଲ୍ଲା ସଦରଥାନା ଅଧୀନ ଆମ୍ବପଡ଼ା ଗାଁର ପ୍ରକାଶ ଚନ୍ଦ୍ର ସ୍ୱାଇଁ ଓରଫ ଗୁଗୁନା । ଏହି ଘଟଣାରେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ରହିଛି । ତାକୁ ଧରିବା ପାଇଁ ପୁଲିସ ପକ୍ଷରୁ ତଦନ୍ତ ଜାରିରହିଛି ବୋଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସିପି ଅଞ୍ଜନା ଟୁଡୁ ସୂଚନା ଦେଇଛନ୍ତି । ପୁରୀ ଜିଲ୍ଲା ସଦର ଥାନା ଅଧୀନ ଶାସନ ଦାମୋଦରପୁର ଗାଁର ବିଶ୍ୱଜିତ ମହାନ୍ତି ଏନେଇ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗକୁ ଆଧାର କରି ସାଇବର୍ ଥାନା ପୁଲିସ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରିଥିଲା । ମହାନ୍ତିଙ୍କ ଅଭିଯୋଗରେ ପୁଲିସ ଉପରୋକ୍ତ ଅଭିଯୁକ୍ତକୁ ଗିରଫ କରିଛି ବୋଲି ଏସିପି ଟୁଡୁ କହିଛନ୍ତି ।



ସୂଚନାଯୋଗ୍ୟ, ଟ୍ରେଡିଂ କେମିତି ଟଙ୍କା ନିବେଶ କରିବେ ସେନେଇ ଠକ ପ୍ରକାଶ ତାଲିମ ନେଇଥିଲା । ପରେ ସେ ସୋସିଆଲ ମିଡିଆ ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍, ଜୁମ୍ ଆପ୍ ଖୋଲିଥିଲ । ଏଥିରେ ସେ ଲୋକଙ୍କୁ ତା' ଠକେଇ ଜାଲରେ ଫସାଇବା ପାଇଁ ବିଭିନ୍ନ ପ୍ରଲୋଭନ ଦେଖାଉଥିଲା । ଏପରିକି ଟଙ୍କା ଲଗାଇ ଲକ୍ଷାଧିକ ଟଙ୍କା ରୋଜଗାର କରିବାର ବିଜ୍ଞାପନ ଦେଉଥିଲା । ଅଭିଯୁକ୍ତ 'ପିନ୍ ଲାବ୍ସ' ନାମକ ଉପହାର କାର୍ଡ କମ୍ପାନୀରେ ଚାକିରି କରିଥିଲା । ଜମା ଟଙ୍କାକୁ କମ୍ ଦିନରେ ଦୁଇଗୁଣା ଫେରସ୍ତ କରିବାକୁ ଲୋକଙ୍କୁ ସେ ଲୋଭ ଦେଖାଇଥିଲା । ଟଙ୍କା ନେବାପରେ ନିଜେ ଉକ୍ତ ଟଙ୍କାକୁ ଟ୍ରେଡିଂରେ ଲଗାଉଥିଲା । ଏଥିରେ କ୍ଷତି ହେବାରୁ ଟଙ୍କା ଫେରସ୍ତ କରି ନ ଥିଲା । ଏହିଭଳି ଲୋଭ ଦେଖାଇ ବିଶ୍ୱଜିତ ଓ ପ୍ରକାଶ ଚୌଧୁରୀ ନାମକ ବ୍ୟକ୍ତିଙ୍କ ଠାରୁ ପ୍ରକାଶ ୨୦୨୨ରେ ୮୫ ଲକ୍ଷ ଟଙ୍କା ନେଇଥିଲା । ଉକ୍ତ ଟଙ୍କା ଫେରସ୍ତ କରିବାକୁ କହି ଦିନ ପରେ ଦିନ ଗଡ଼ାଇ ଚାଲିଥିଲା । ଶେଷରେ ଏନେଇ ବିଶ୍ୱଜିତ୍ ସାଇବର୍ ଥାନାର ଦ୍ୱାରସ୍ଥ ହୋଇଥିଲେ । ତାଙ୍କ ଅଭିଯୋଗର ତଦନ୍ତ କରିବା ପରେ ପୁଲିସ ପ୍ରକାଶକୁ ଗିରଫ କରିଥିଲା । ତା' ନିକଟରୁ ପୁଲିସ ଏହି ଠକେଇରେ ବ୍ୟବହୃତ ମୋବାଇଲ ଫୋନକୁ ଜବତ କରିଛି ।

---

## ଦେଶୀ ମଦଭାଟି ଠାବ; ୫ ଗିରଫ



ଭୁବନେଶ୍ୱର, ୫।୪ (ସମିସ): ପୁଣି ସାଲିଆ ସାହିରେ ଠାବ ହୋଇଛି ବେଆଇନ ଦେଶୀମଦ ଭାଟି । ଦେଶୀ ମଦ ପ୍ରସ୍ତୁତ କରୁଥିବାବେଳେ ଚଢ଼ଉ କରିଛି ମୈତ୍ରୀ ବିହାର ଥାନା ପୁଲିସ । ୫ ଜଣଙ୍କୁ ଗିରଫ କରିବା ସହିତ ଦେଶୀମଦ ଓ ପ୍ରସ୍ତୁତ ସାମଗ୍ରୀ ଜବତ ହୋଇଛି । ଗିରଫ ଅଭିଯୁକ୍ତ ହେଉଛନ୍ତି ଇଡ୍‌କୋ ବସ୍ତିର ବିଶ୍ୱନାଥ ବଡ଼ସେଠ, ଜୟଚନ୍ଦ୍ର ପ୍ରଧାନ, ସପନ ସୋରେନ, ଲକ୍ଷ୍ମୀ ନଗରର ଅନନ୍ତ କଦମସେଠ ଓ ବିଜୟ ମାରାଣ୍ଡି । ପୁଲିସ ସୂଚନା ଅନୁସାରେ, ସାଲିଆ ସାହିରେ ଥିବା ବିଭିନ୍ନ ବସ୍ତି ଅଞ୍ଚଳରେ ବେଆଇନ ବିଷାକ୍ତ ମଦ ପ୍ରସ୍ତୁତି କରି ତାହାକୁ ସର୍ବସାଧାରଣରେ ବିକ୍ରି କରୁଥିବା ମୈତ୍ରୀ ବିହାର ପୁଲିସକୁ ଖବର ମିଳିଥିଲା । ଥାନାର ଏକ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଉପୋରକ୍ତ ୫ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ସେମାନଙ୍କ ଠାରୁ ୧୦୮୦ ଲିଟର ଦେଶୀମଦ ଜବତ କରିଥିଲେ । ଏଥିସହିତ ବେଆଇନ ମଦ ପ୍ରସ୍ତୁତିରେ ବ୍ୟବହାର ହେଉଥିବା ୬ଟି ଗ୍ୟାସ୍ ସିଲିଣ୍ଡର୍, ୬ଟି ଷ୍ଟୋଭ ଓ ଅନ୍ୟାନ୍ୟ ଉପକରଣ ଜବତ ହୋଇଥିଲା । ଦେଶୀମଦ ପ୍ରସ୍ତୁତି ତଥା ବିକ୍ରୟ ନେଇ ପାଖରେ କୌଣସି ଅନୁମତି ପତ୍ର ନ ଥିବା ଅଭିଯୁକ୍ତମାନେ ସ୍ୱୀକାର କରିଥିଲେ । ଏନେଇ ମୈତ୍ରୀ ବିହାର ଥାନା ପୁଲିସ ଏକ ମାମଲା ରୁଜୁକରି ୫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ।

**୧୧ ଶହ ଲିଟର ଦେଶୀମଦ ଜବତ**

---

## ମାଲିକଙ୍କୁ ନ ଜଣାଇ ବିକି ଦେଲେ ଜମି; ଦୁଇ ଗିରଫ

ଭୁବନେଶ୍ୱର, ୫।୪ (ସମିସ)

ଜମି କିଣିବା ପାଇଁ ଅଗ୍ରୀମ ଟଙ୍କା ଦେଇ ପାୱାର ଅଫ୍ ଆଟର୍ଣ୍ଣି କରେଇ ନେଲେ । ପୂରା ଟଙ୍କା ନ ଦେଇ ମାଲିକଙ୍କ ଅଜାଣତରେ ଜମିକୁ ବିକ୍ରି କରିଦେଲେ । ଏଭଳି ଠକାମି କରିଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ଶ୍ରୀ ଲିଙ୍ଗରାଜ ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛନ୍ତି ଗଙ୍ଗା ଯମୁନା ଲେନର ଶଙ୍କର ଓରଫ୍ ସୌମେନ୍ଦ୍ର ମହାପାତ୍ର (୫୧) ଓ ପଳାଶପଲ୍ଲୀ ଅଞ୍ଚଳର ଗୌରହରି ରଣସିଂହ ଓରଫ୍ କାଲୁ (୪୮) । ପୁଲିସ ସୂଚନା ଅନୁଯାୟୀ, ପବିତ୍ର କୁମାର ମହାପାତ୍ରଙ୍କର କୁହା ମୌଜାରେ ଥିବା ଏକ ଜମି କିଣିବାକୁ ଶଙ୍କର ଓ କାଲୁ ତାଙ୍କୁ ଯୋଗାଯୋଗ କରିଥିଲେ । ଜମିର ମୂଲ୍ୟ ସମୁଦାୟ ୧.୬ କୋଟି ଟଙ୍କା ଧାର୍ଯ୍ୟ ହେବାପରେ ଶଙ୍କର ଓ କାଲୁ ଜେନେରାଲ ପାୱାର ଅଫ୍ ଆଟର୍ଣ୍ଣି କରିବା ସହିତ ପବିତ୍ରଙ୍କୁ ୪୬ ଲକ୍ଷ ଟଙ୍କା ଦେଇଥିଲେ । ଅବଶିଷ୍ଟ ୧.୧୪ କୋଟି ଟଙ୍କା ୮ ମାସ ମଧ୍ୟରେ ଦେବା ପରେ ଉକ୍ତ ପ୍ଲଟ ପଞ୍ଜୀକରଣ କରିବା ଲାଗି ଏକ ଚୁକ୍ତିନାମା କରିଥିଲେ । କାଲୁ ଓ ଶଙ୍କର ଉକ୍ତ ପ୍ଲଟର ସମ୍ପୂର୍ଣ୍ଣ ଟଙ୍କା ପରିଶୋଧ ନକରି ଉକ୍ତ ପ୍ଲଟକୁ ପାୱାର ଅଫ୍ ଆଟର୍ଣ୍ଣି ବଳରେ ବିକ୍ରି କରି ଦେଇଥିଲେ । ଜମି ବିକ୍ରି କଥା ଜାଣିବା ପରେ ପବିତ୍ର ସେମାନଙ୍କୁ ଯୋଗାଯୋଗ କରିବାରୁ ଦୁଇ ଜଣ ୧୫ ଲକ୍ଷ ଟଙ୍କା ଦେଇଥିଲେ । ବାକି ଟଙ୍କା ମାଗିବାରୁ ସେମାନେ ଶୁଣିନଥିଲେ । ପବିତ୍ର ଓ ତାଙ୍କ ସ୍ତ୍ରୀ ବାରମ୍ବାର ଯୋଗାଯୋଗ କରିବାରୁ ସେମାନେ ଉଭୟଙ୍କୁ ଗାଳି ଗୁଲଜ କରିବା ସହ ହତ୍ୟା କରିବାର ଧମକ ଦେଇଥିଲେ । ପବିତ୍ରଙ୍କର ଆର୍ଥିକ କ୍ଷୟ ହେତୁ ସେ ଶାରୀରିକ ଓ ମାନସିକ ଭାବରେ ଅସୁସ୍ଥ ହୋଇପଡ଼ିଥିଲେ । ଶେଷରେ କୌଣସି ଉପାୟ ନପାଇ ଶ୍ରୀ ଲିଙ୍ଗରାଜ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରିଥିଲା ।





## ନନ୍ଦନକାନନକୁ ଆସିଲେ ୪ହାଡ଼ଗିଳା ପକ୍ଷୀ

ନନ୍ଦନକାନନ, ୫।୪(ସମିସ): ନନ୍ଦନକାନନକୁ ଆସିଲା ୪ଟି(୨:୩) ହାଡ଼ ଗିଳା ପକ୍ଷୀ । ଆସାମ ଗୌହାଟି ଚିଡିଆଖାନରୁ ଗତକାଲି ବିଳମ୍ବିତ ରାତିରେ ଉକ୍ତ ଚିଡିଆଖାନା କର୍ମଚାରୀ ସ୍ୱତନ୍ତ୍ର ଗାଡ଼ିରେ ଆଣି ପହଞ୍ଚିଥିଲେ । ଜନ୍ତୁ ଅଦଳ ବଦଳ ପ୍ରକ୍ରିୟାରେ ଏହା ବଦଳରେ ସେମାନେ ଏଠାରୁ ପେଣ୍ଟେଡ ଷ୍ଟୋର୍କ(୨:୨), ମାଣ୍ଡାରିନ୍ ଡକ୍ (୧:୧), ସ୍ପଟ୍ ବିଲ୍‌ଡ ପେଲିକନ୍ (୨:୨), ବ୍ଲାକବକ (୨:୩), ବ୍ଲାକ ହେଡେଡ ଆଇବିସ (୧୦:୧୦) ଟି ନେଇଯିବା ପାଇଁ ଏକ ଦଳ ଆସିଥିବା ଉପନିର୍ଦ୍ଦେଶକ ସୂଚନା ଦେଇଛନ୍ତି ।



---

## ଚା' ଦୋକାନରେ ଗଞ୍ଜେଇ; ଦୁଇ ଗିରଫ

ଭୁବନେଶ୍ୱର, ୫।୪ (ସମିସ): ଚା' ଦୋକାନରେ ଗଞ୍ଜେଇ ବେପାର କରୁଥିବା ଅଭିଯୋଗରେ ଦୋକାନୀଙ୍କ ସମେତ ଦୁଇ ଜଣଙ୍କୁ ଗିରଫ କରିଛି ଖାରବେଳ ନଗର ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛନ୍ତି ୟୁନିଟ୍-୪ ରେ ଚା ଦୋକାନ କରିଥିବା ଅଭୟ ସ୍ୱାଇଁ (୪୨) ଓ ୟୁନିଟ୍-୯ ଅଞ୍ଚଳର ଆଶୁତୋଷ ବେହେରା (୨୭) । ପୁଲିସ ସୂଚନା ଅନୁସାରେ, ୟୁନିଟ-୪ ମାର୍କେଟରେ ଗଞ୍ଜେଇ କାରବାର ଚାଲିଥିବା ଖବରପାଇ ଖାରବେଳ ନଗର ଥାନାର ଏକ ଟିମ୍ ସେଠାରେ ଚଢ଼ଉ କରିଥିଲା । ସେଠାରୁ ଅଭୟ ଓ ଆଶୁତୋଷକୁ ଗିରଫ କରିବା ସହିତ ୧.୩ କିଲୋ ଗଞ୍ଜେଇ ଓ ୪ ହଜାର ଟଙ୍କା ଜବତ କରିଥିଲା । ହେଲେ ସେମାନଙ୍କର ଜଣେ ସହଯୋଗୀ ଘଟଣାସ୍ଥଳରୁ ଖସି ପଳାଇଥିଲା । ଫେରାର ହୋଇଯାଇଥିବା ସହଯୋଗୀ ଠାରୁ ଗଞ୍ଜେଇକୁ ସଂଗ୍ରହ କରି ଅଭୟର ଚା ଦୋକାନରେ ବିକ୍ରି କରିବା ପାଇଁ ଏକାଠି ହୋଇଥିଲେ ବୋଲି କହିଥିଲେ । ଏନେଇ ଖାରବେଳ ନଗର ଥାନା ପୁଲିସ ଏନ୍‌ଡିପିଏସ୍ ଆକ୍ଟରେ ମାମଲା ରୁଜୁକରି ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ।



## ମୋବାଇଲ୍ ଚୋରି ଅଭିଯୋଗରେ ଦୁଇ ଗିରଫ

ଭୁବନେଶ୍ୱର, ୫।୪ (ସମିସ): ମୋବାଇଲ୍ ଫୋନ ଚୋରି କରିଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଇନ୍‌ଫୋସିଟି ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛନ୍ତି ବଙ୍ଗାଳି ସାହିର ସୁନିଲ ବିଷୋୟୀ (୨୨) ଓ ଭୀମ ନାୟକ (୩୦) । ପୁଲିସ ସୂଚନା ଅନୁଯାୟୀ, ଗତକାଲି ରାତି ପ୍ରାୟ ୯ଟା ସମୟରେ ସୁନିଲ ଓ ଭୀମ ମିଶି ମୁନି ଦଳେଇଙ୍କ ଦୋକାନ ନିକଟକୁ ଆସିଥିଲେ ଓ ସେଠାରେ ଥଣ୍ଡା ପାନୀୟ ପିଇଥିଲେ । ସେହି ସମୟରେ ସୁଯୋଗ ଦେଖି ଦୋକାନରୁ ମୁନିଙ୍କ ମୋବାଇଲ ଫୋନଟିକୁ ଚୋରି କରି ନେଇଯାଇଥିଲେ । ମୁନିଙ୍କ ଅଭିଯୋଗ ଆଧାରରେ ଇନଫୋସିଟି ଥାନା ପୁଲିସ ମାମଲା ରୁଜୁ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ମୋବାଇଲ ଫୋନ ଜବତ କରିଥିଲା ।





---

## ଜେଲ୍‌ରେ ବଦଳିଲା ଜୀବନ

ଭୁବନେଶ୍ୱର, ୫।୪ (ସମିସ): ଅପରାଧ କରି କାରାଗାରକୁ ଆସିଥିଲି । ହେଲେ କେବେ ଭାବି ନ ଥିଲି ଯେ ଏହି ଠାରେ ହିଁ ନୂଆ ଜୀବନ ପାଇବି । ଚାରିକାନ୍ଥ ଆବଦ୍ଧ ଅନ୍ଧାର କୋଠରି ମୋ ଜୀବନର ଆଲୋକ ବର୍ତ୍ତିକା ସାଜିବ । କ୍ୟାପିଟାଲ୍ ହସ୍ପିଟାଲରେ ଜଣେ ମଧ୍ୟ ବୟସ୍କ ଲୋକକୁ ପୁଲିସ ଘେରି ରହିଥିଲେ । ତାରି ଭିତରେ ସେ ଉଚ୍ଚା ସ୍ୱରରେ ଏହି ଭଳି କିଛି ଢଙ୍ଗରେ ସେଠାରେ ଉପସ୍ଥିତ ଡାକ୍ତର, କର୍ମଚାରୀ ଓ ଉପସ୍ଥିତ ଲୋକଙ୍କୁ କହୁଥିବାର ଦେଖିବାକୁ ମିଳିଥିଲା । ଘଟଣା ବୁଝିବାରୁ ଜଣାପଡ଼ିଲା ପୁଲିସ ଘେରାବନ୍ଦୀରେ ଥିବା ଲୋକଟି ଝାରପଡ଼ା ଜେଲ୍‌ର ଜଣେ ବିଚାରାଧୀନ କଏଦୀ ଭାବେ ଦିନ କାଟୁଥିବା ବାଲିପାଟଣାର ଛବି ନାୟକ ।

**କଏଦୀଙ୍କର ଲାଗିଲା କୃତ୍ରିମ ହାତ**



ଛବି ଏକ ଅପରାଧିକ ମାମଲାରେ ଗିରଫ ହୋଇ ଗତବର୍ଷ ମେ ୧୨ ତାରିଖରେ ଝାରପଡ଼ା ଜେଲକୁ ଆସିଥିଲା । ଜେଲ୍‌କୁ ଆସିବା ପୂର୍ବରୁ ତାର ବାମ ହାତ ନ ଥିଲା । ବାମ ହାତଟି ନ ଥିବାରୁ ଛବିର ନିତ୍ୟକର୍ମ ଠାରୁ ଆରମ୍ଭ କରି ଦୈନନ୍ଦିନ ଜୀବନରେ ପ୍ରାୟ କାମ ବାଧାପ୍ରାପ୍ତ ହେଉଥିଲା । ଜେଲ୍ କର୍ତ୍ତୃପକ୍ଷଙ୍କ ନଜରରେ ପଡ଼ିବା ପରେ ଏହାକୁ ଗୁରୁତ୍ୱର ସହିତ ନେଇଥିଲେ । ହାତ ବା କୃତ୍ରିମ ଅଙ୍ଗ ପ୍ରତିରୋପଣ କରିବା ଲାଗି ପ୍ରକ୍ରିୟା ଆରମ୍ଭ କରିଥିଲେ । ଝାରପଡ଼ା ଜେଲ୍ କର୍ତ୍ତୃପକ୍ଷ ଓ କ୍ୟାପିଟାଲ୍ ଡାକ୍ତରଖାନା ଆଲୋଚନା କରିଥିଲେ । ଏନେଇ ରହିଥିବା ପ୍ରକ୍ରିୟା ଶେଷ ହେବାପରେ ଶୁକ୍ରବାର ଛବିର ଅଙ୍ଗ ପ୍ରତିରୋପଣ କରାଯାଇଥିଲା । ବାମ ହାତରେ ଏକ କୃତ୍ରିମ ହାତ ଲଗା ଯାଇଥିଲା । ହାତ ଲଗାଯିବା ସମୟରେ ଛବି ଭାବ ବିହ୍ୱଳ ହୋଇଥିଲା । ଜେଲକୁ ଆସିବାରୁ ମୋର ହାତ ଲାଗି ପାରିଲା ବୋଲି କହିବା ସହିତ ଜେଲ୍ କର୍ତ୍ତୁପକ୍ଷଙ୍କୁ ଧନ୍ୟବାଦ ଜଣାଇଥିଲା ।

---

**ଅଭୁଲା ଅପରାଧ**

# ସିପୁ ହତ୍ୟାକାଣ୍ଡକୁ ସାତ ବର୍ଷ

ଭୁବନେଶ୍ୱର, ୫।୪ (ସମିସ)

ରଙ୍ଗଖେଳକୁ ନେଇ ତମାଣ୍ଡୋ ଗ୍ରାମରେ ଘଟିଥିବା ସିପୁ ଓରଫ୍ ଅଭିଜିତ ବେହେରା ହତ୍ୟାକାଣ୍ଡ ଘଟଣାକୁ ୭ ବର୍ଷ ବିତିଛି । ହେଲେ ଏବେ ବି ଦୁଇ ଭାଇ ଫେରାର ରହିଛନ୍ତି । ୭ ବର୍ଷ ହେବ ସାନଭାଇ ସୋମନାଥ ପଟ୍ଟନାୟକ ଓରଫ୍ ଲିକୁକୁ ପୁଲିସ ଗିରଫ କରି ପାରି ନ ଥିବା ବେଳେ ବଡ଼ଭାଇ ଭୀଷ୍ମଜିତ ପଟ୍ଟନାୟକ ଓରଫ୍ ବାପି ପାରୋଲରେ ଆସି ଫେରାର ହୋଇଯାଇଛି । ବାପି ଆତ୍ମସମର୍ପଣ କରି ନ ଥିବାରୁ ୱାରେଣ୍ଟ ଜାରି ହୋଇଛି, ହେଲେ ପୁଲିସ ଏପର୍ଯ୍ୟନ୍ତ ତାର ପତ୍ତା ପାଇ ପାରିନାହିଁ । ଦୁଇ ଭାଇ ଫେରାର ରହିଥିବାରୁ ମୃତକ ସିପୁଙ୍କ ପରିବାର ଭୟଭୀତ ଅବସ୍ଥାରେ ରହିଛନ୍ତି । ସେପଟେ ହତ୍ୟା ମାମଲାର ବିଚାର ପ୍ରକ୍ରିୟା ଚାଲିଥିବାରୁ ସାକ୍ଷୀମାନେ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି ।

ସୂଚନା ଅନୁସାରେ, ୨୦୧୭ ମସିହା ମାର୍ଚ୍ଚ ମାସ ୧୭ ତାରିଖରେ ଫଗୁ ଖେଳ ଚାଲିଥିବା ବେଳେ ସୋମନାଥ ଉପରେ କେହି ଜଣେ ଫଗୁ ପକାଇ ଦେଇଥିଲେ । ସୋମନାଥ ରାଗି ଯାଇ ଅଭିଜିତଙ୍କୁ ଗାଳିଗୁଲଜ କରିବା ସହ ଘଟଣା ବିଷୟରେ ତା'ର ବଡ଼ଭାଇ ଭୀଷ୍ମଜିତ ପଟ୍ଟନାୟକକୁ କହିଥିଲା । ସେହିଦିନ ଅପରାହ୍ଣ ୫ ଟା ସମୟରେ ଅଭିଜିତ ଓ ତାଙ୍କ ବଡ଼ବାପା ପୁଅ ଭାଇ ସତ୍ୟଜିତ ଘରକୁ ଫେରୁଥିବା ବେଳେ ଲିକୁ ଓ ତା'ର ବଡ଼ଭାଇ ବାପି ତାଙ୍କୁ ଅଟକାଇଥିଲେ । କାହିଁକି ମୋ ଭାଇ ଉପରେ ଫଗୁ ପକାଇଲୁ ବୋଲି ଅଭିଜିତଙ୍କୁ ପଚାରିବା ସହିତ ଗାଳିଗୁଲଜ କରିଥିଲେ । ସେ ଫଗୁ ପକାଇ ନ ଥିବା ସହିତ କାହିଁକି ଗାଳିକରୁଛୁ ବୋଲି ଅଭିଜିତ ପଚାରିବାରୁ ଏଥିରେ ଉତ୍‌କ୍ଷିପ୍ତ ବାପି ପାଖରେ ରଖିଥିବା ବନ୍ଧୁକ ବାହାର କରି ଅଭିଜିତଙ୍କ ଉପରକୁ ହଠାତ ଗୁଳି ଚଳାଇଥିଲା । ଗୁଳିଟି ଅଭିଜିତଙ୍କ ଡାହାଣ କାନ୍ଧରେ ବାଜିଥିଲା ଓ ସେ ତଳେ ପଡି ଯାଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ଏବଂ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଏଭଳି ଜଘନ୍ୟ ହତ୍ୟାକାଣ୍ଡ ଭିଆଇବାରେ ବାପି ଓ ଲିକୁକୁ ସହଯୋଗ କରିଥିବା ତାଙ୍କ ବାପା ପ୍ରଭାକର ପଟ୍ଟନାୟକ, ମାଆ ସ୍ନେହଲତା ପଟ୍ଟନାୟକ ଓ ସହଯୋଗୀ ସୌମ୍ୟଜିତକୁ ପୁଲିସ ଗିରଫ କରିଥିଲା । ସେହି ବର୍ଷ ଏପ୍ରିଲ ମାସରେ ଅଭିଯୁକ୍ତ ବାପିକୁ ପୁଲିସ ଗିରଫ କରିବା ସହିତ ଘଟଣାରେ ବ୍ୟବହୃତ ବନ୍ଧୁକ ଓ ଦୁଇ ରାଉଣ୍ଡ ଜୀବନ୍ତ ଗୁଳି ଜବତ କରିଥିଲା । ପରବର୍ତ୍ତୀ ସମୟରେ ମାଆ ସ୍ନେହଲତା, ବାପା ପ୍ରଭାକର ଓ ସୌମ୍ୟଜିତ ଜାମିନରେ ଆସିଥିଲେ । ୨୦୧୭ ମସିହା ଏପ୍ରିଲ ମାସ ୩ ତାରିଖରୁ ମୁଖ୍ୟ ଅଭିଯୁକ୍ତ ବାପି ଓରଫ୍ ଭୀଷ୍ମଜିତ ଜେଲରେ ଥିଲା । ହେଲେ ଗତବର୍ଷ ମାଆ ସ୍ନେହଲତାଙ୍କୁ ଅସୁସ୍ଥତା ଥିବା ଦର୍ଶାଇ ତାଙ୍କ ଅସ୍ତ୍ରୋପଚାର ପାଇଁ ମଧ୍ୟବର୍ତ୍ତୀକାଳୀନ ପାରୋଲ୍ ଲାଗି ବାପି ଆବେଦନ କରିଥିଲା । ହାଇକୋର୍ଟ ତାର ଆବେଦନକୁ ବିଚାରକୁ ନେଇ ୨୦୨୩ ମସିହା ଫେବୃୟାରୀ ମାସ ୧୪ ତାରିଖ ଦିନ ବାପିକୁ ୩୦ ଦିନ ଲାଗି ପାରୋଲ ଅନୁମୋଦନ ପ୍ରଦାନ କରିଥିଲେ । ରିଲିଜ ହେବାର ୩୦ ଦିନ ପରେ କୋର୍ଟରେ ଆତ୍ମସମର୍ପଣ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ହାଇକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ବାପି ଗତବର୍ଷ ଫେବୃଆରୀ ୨୨ ତାରିଖ ଦିନ ଜେଲରୁ ମୁକୁଳଥିଲା । ହେଲେ ବାପି ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ନିର୍ଦ୍ଧାରିତ ସମୟ ମଧ୍ୟରେ କୋର୍ଟରେ ଆତ୍ମସମର୍ପଣ ନ କରି ଫେରାର ହୋଇଯାଇଥିଲା । ସେପଟେ ଅନ୍ୟତମ ଅଭିଯୁକ୍ତ ବାପିର ସାନଭାଇ ଲିକୁ ଘଟଣା ପରଠାରୁ ଫେରାର ଥିଲେ ମଧ୍ୟ ପୁଲିସ ଏପର୍ଯ୍ୟନ୍ତ ତାକୁ ଗିରଫ କରିବାରେ ସଫଳ ହୋଇ ପାରିନାହିଁ । ଦୁଇଭାଇ ଫେରାର ରହିଥିବାରୁ ମୃତକଙ୍କ ପରିବାର ଲୋକେ ଭୟଭୀତ ଅବସ୍ଥାରେ ଦିନ କାଟୁଛନ୍ତି । ଅପରପକ୍ଷରେ ମୁଖ୍ୟ ଅଭିଯୁକ୍ତ ବାପି ଓ ସାନଭାଇ ଲିକୁ ବାହାରେ ରହିବା ଘଟଣାରେ ସାକ୍ଷୀମାନେ ପ୍ରଭାବିତ ହେବାର ଆଶଙ୍କା ପ୍ରକାଶ ପାଇଛି । ଘଟଣାର ୭ ବର୍ଷପରେ ମଧ୍ୟ ହତ୍ୟାକାଣ୍ଡର ମାଷ୍ଟର୍‌ମାଇଣ୍ଡ ଲିକୁର ପତ୍ତା ପାଇ ନ ପାରିବା କମିସନରେଟ୍ ପୁଲିସର ପାରିବାପଣିଆକୁ ପଦାରେ ପକାଇଛି । ସେପଟେ ମୁଖ୍ୟ ଅଭିଯୁକ୍ତ ବାପି ପାରୋଲରେ ଆସି ଫେରାର ହେବାକୁ ବର୍ଷେ ବିତିଗଲାଣି, ହେଲେ ପୁଲିସ ଏଯାଏଁ ତାର ଟେର ପାଉନାହିଁ ।

- ସାନ ଗିରଫ ହୋଇନି, ବଡ଼ ପାରୋଲରେ ଆସି ଫେରିନି
- ଏବେ ବି ଫେରାର ଦୁଇ ଭାଇ, ଭୟଭୀତ ମୃତକଙ୍କ ପରିବାର





# କଲବଲ ରାଜଧାନୀବାସୀ




ଭୁବନେଶ୍ୱର, ୫।୪(ସମିସ)

ଗତ କିଛିଦିନ ହେଲା ରାଜଧାନୀରେ ଅସହ୍ୟ ତାତି ଅନୁଭୂତ ହେଉଥିବାବେଳେ ଦିନକରେ ୬ଡିଗ୍ରୀ ତାପମାତ୍ରା ବୃଦ୍ଧି ପାଇ ଶୁକ୍ରବାର ପାରଦ ୪୩.୫ ଡିଗ୍ରୀ ଛୁଇଁଛି। ଗତକାଲି ତାପମାତ୍ରା ୩୭ଡିଗ୍ରୀ ଥିବାବେଳେ ଶୁକ୍ରବାର ୪୩ ଅତିକ୍ରମ କରିଛି। ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିବା ଭୁବନେଶ୍ୱରରେ ମଧ୍ୟାହ୍ନରେ ଅଗ୍ନିବର୍ଷା ହେଲା ଭଳି ମନେ ହେଉଥିଲା। ଟାଣ ଖରାକୁ ରାସ୍ତାରୁ ତତଲା ଧାଁସ ମୁହଁ, ଦେହ ସିଝେଇ ଦେଉଥିଲା। ଖରାରେ ରାଜଧାନୀବାସୀ ପୂରା କଲବଲ ହୋଇଯାଇଛନ୍ତି। ତତଲା ପବନ ସାଙ୍ଗକୁ ଟାଣଖରା ରାଜଧାନୀବାସୀଙ୍କୁ ଅସ୍ତବ୍ୟସ୍ତ କରି ପକାଉଥିଲା। ସକାଳ ୮ଟାରୁ ଗ୍ରୀଷ୍ମ ଅନୁଭବ ହୋଇଥିଲା। ଦିନ ୧୦ଟା ପରେ ସ୍ଥିତି ଅସମ୍ଭାଳ ହୋଇପଡ଼ିଥିଲା। ଏମିତି କି ବ୍ୟସ୍ତବହୁଳ ରାଜଧାନୀର ରାସ୍ତା ଖାଁ ଖାଁ ହୋଇଯାଇଥିଲା। ଲୋକେ ଅପ୍ରସ୍ତୁତ ଭାବେ ଘରୁ ବାହାରି ଆସିଥିବାରୁ ଲୋକେ କଲବଲ ହୋଇପଡ଼ିଥିଲେ। କେତେକ ଦୋକାନ ବଜାର ମଧ୍ୟାହ୍ନରେ ବନ୍ଦ ହୋଇଯାଇଥିଲା। ବାୟୁମଣ୍ଡଳରେ ଜଳୀୟବାଷ୍ପ ବେଶି ନ ଥିଲେ ହେଁ ଯେତିକି ଅଛି ତାହା ଖରା ତାତିକୁ ବହୁଗୁଣା କରିଦେଇଥିଲା। ପାରଦ ୪୦ରୁ ୪୩ଡିଗ୍ରୀ ମଧ୍ୟରେ ରହିଥିଲେ ମଧ୍ୟ ୫୦ଡିଗ୍ରୀର ତାତି ଅନୁଭୂତ ହୋଇଥିଲା।

ମଧ୍ୟାହ୍ନରେ ପାରଦ ୪୩ ଡିଗ୍ରୀ ଛୁଇଁବା ପରେ ରାଜଧାନୀର ଅଧିକାଂଶ ରାସ୍ତା ଜନଶୂନ୍ୟ ହୋଇଯାଇଥିଲା। କିଛିଲୋକ ଛତା ଧରି ଯାଉଥିଲା ବେଳେ ଅଧିକାଂଶ ମୁହଁରେ ଓଢ଼ଣି, ରୁମାଲ, ଗାମୁଛା ବାନ୍ଧି ଯାଉଥିଲେ। ଖରା ଯୋଗୁଁ ମଧ୍ୟାହ୍ନରେ ଅଳ୍ପ କିଛି ଗାଡ଼ିମୋଟର ଚଳାଚଳ କରୁଥିଲା। ଅଧିକାଂଶ ଲୋକ ଅଟୋ, କାର୍‌ରେ ଯାତାୟାତ କରୁଥିବା ଦେଖିବାକୁ ମିଳିଥିଲା। ପାଣିପାଗ କେନ୍ଦ୍ର ଆକଳନ କହୁଛି ଆହୁରି ଦୁଇଦିନ ଏପରି ପାଗ ରହିବ। ଅର୍ଥାତ୍ ଆହୁରି ଦୁଇଦିନ ତାତିରୁ ନିସ୍ତାର ନାହିଁ। ପ୍ରବଳ ଗ୍ରୀଷ୍ମ ପ୍ରବାହର ସାମ୍ନା କରିବାକୁ ପାଣିପାଗ

## ବିଗତବର୍ଷଗୁଡ଼ିକରେ ଏପ୍ରିଲ୍‌ର ରେକର୍ଡ ତାପମାତ୍ରା

| | |
|---|---|
| ୨୫ ଏପ୍ରିଲ୍ ୨୦୨୨ | ୪୩.୩ ଡିଗ୍ରୀ |
| ୧ ଏପ୍ରିଲ୍ ୨୦୨୧ | ୪୪.୨ ଡିଗ୍ରୀ |
| ୧୦ ଏପ୍ରିଲ୍ ୨୦୨୧ | ୪୪.୧ ଡିଗ୍ରୀ |
| ୧୬ ଏପ୍ରିଲ୍ ୨୦୧୯ | ୪୩.୭ ଡିଗ୍ରୀ |
| ୧୧ ଏପ୍ରିଲ୍ ୨୦୧୬ | ୪୫.୮ ଡିଗ୍ରୀ |
| ୨୮ ଏପ୍ରିଲ୍ ୨୦୧୬ | ୪୫.୧ ଡିଗ୍ରୀ |
| ୨୯ ଏପ୍ରିଲ୍ ୨୦୧୬ | ୪୩.୫ ଡିଗ୍ରୀ |
| ୧୦ ଏପ୍ରିଲ୍ ୨୦୧୦ | ୪୩.୬ ଡିଗ୍ରୀ |
| ୩୦ ଏପ୍ରିଲ୍ ୧୯୯୧ | ୪୩.୯ ଡିଗ୍ରୀ |
| ୨୩ ଏପ୍ରିଲ୍ ୧୯୮୫ | ୪୫ ଡିଗ୍ରୀ |

## ବଡ଼ କୋଠା ହିଁ ଧରି ରଖିଲା ସୂର୍ଯ୍ୟ କିରଣ

ଶୁକ୍ରବାର ରାଜଧାନୀରେ ଅସମ୍ଭବ ଭାବେ ତାତି ବଢ଼ିଛି। ଗୋଟିଏ ଦିନରେ ଏକାଥରେ ତାପମାତ୍ରା ୬ ଡିଗ୍ରୀ ବଢ଼ିବା ସହ ତାତି ଏଠାରେ ୪୩.୫ ଡିଗ୍ରୀ ରହିଛି। ରାଜ୍ୟକୁ ଆସୁଥିବା ଶୁଷ୍କ ଓ ଗରମ ବାୟୁର ପ୍ରଭାବ ଯୋଗୁଁ ଏହି ତାତି ବଢ଼ିଥିବା ନେଇ ପାଣିପାଗ ବିଶେଷଜ୍ଞମାନେ କହିଥିବା ବେଳେ ରାଜଧାନୀ ପାଇଁ ଏହି ତାତି ବଢ଼ି ଚିନ୍ତାର କାରଣ ସାଜିଛି। କାରଣ ସାରା ରାଜ୍ୟକୁ ଶୁଷ୍କ ଓ ଥଣ୍ଡା ବାୟୁ ପ୍ରବେଶ କରିଥିବା ବେଳେ ଭୁବନେଶ୍ୱରକୁ ଲାଗି ରହିଥିବା କଟକରେ ତାପମାତ୍ରା ୪୦ ଓ ନୟାଗଡ଼ରେ ତାତି ୪୨ ଡିଗ୍ରୀ ରହିଥିଲା। ମାତ୍ର ଭୁବନେଶ୍ୱରରେ ସ୍ୱାଭାବିକ ତୁଳନାରେ ୭ ଡିଗ୍ରୀ ତାପମାତ୍ରା ଅଧିକ ରହି ୪୩.୫ ଡିଗ୍ରୀ ରେକର୍ଡ ହୋଇଥିଲା। ବଢୁଥିବା ତାତି ସମ୍ପର୍କରେ ସୂଚନା ଦେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଉମାଶଙ୍କର ଦାସ କହିଛନ୍ତି ଯେ ରାଜଧାନୀରେ ଉଷ୍ମ-ଦ୍ୱୀପପୁଞ୍ଜ ପ୍ରଭାବ ଅନୁଭୂତ ହେଉଛି। ଏହା ଏପରି ଏକ ପ୍ରଭାବ, ଯାହା ପାଶ୍ୱବର୍ତ୍ତୀ ଅଞ୍ଚଳଠାରୁ ଅଧିକ ଉତ୍ତପ୍ତ ହେବାକୁ ବୁଝାଏ। ଏହା ସାଧାରଣତଃ ମନୁଷ୍ୟକୃତ ହୋଇଥିବା ବେଳେ ସହରୀକରଣ କ୍ଷେତ୍ର ଦ୍ୱାରା ଏହା ବିଶେଷଭାବେ ପ୍ରଭାବିତ ହୋଇଥାଏ। ଭୁବନେଶ୍ୱରରେ ବର୍ତ୍ତମାନ ସମାନ ଘଟଣା ଘଟିଛି। ଯାହା ଦ୍ୱାରା ବାହ୍ୟ ଅଞ୍ଚଳ ଅପେକ୍ଷା ଭୁବନେଶ୍ୱରରେ ଅଧିକ ତାପମାତ୍ରା ଅନୁଭବ ହେଉଛି। ଭୁବନେଶ୍ୱରରେ କଂକ୍ରିଟ ଅଟ୍ଟାଳିକା, ସଡ଼କ ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏହି ସବୁ କାରକ ବା ମନୁଷ୍ୟକୃତ ସଂରଚନାମାନ ସୂର୍ଯ୍ୟକିରଣର ଉତ୍ତାପକୁ ଧରି ରଖିଥାଏ। ମାତ୍ର ଏହା ଜଙ୍ଗଲ, ଆର୍ଦ୍ରଭୂମି ଓ ଜଳାଶୟ ତୁଳନାରେ ଅଧିକ ମାତ୍ରାରେ ସୂର୍ଯ କିରଣକୁ ଭିନ୍ନ ମାତ୍ରାରେ ପ୍ରତିଫଳନ ମଧ୍ୟ କରିଥାଏ। ଏହା ପ୍ରଭାବରେ ସୂର୍ଯ୍ୟାସ୍ତ ପରେ ମଧ୍ୟ ଶୋଷିହୋଇଥିବା ଉତ୍ତାପ ପୁନଃ ବିକିରଣ ପ୍ରକ୍ରିୟାରେ ନିଜ ପାର୍ଶ୍ୱବର୍ତ୍ତୀ ଅଞ୍ଚଳଠାରୁ ଅଧିକ ଉତ୍ତପ୍ତ ହୋଇଥାଏ। ଫଳସ୍ୱରୂପ ଏହି ଉଷ୍ମ-ଦୀପପୁଞ୍ଜ ନିଜର ଏକ ସ୍ୱତନ୍ତ୍ର ସୂକ୍ଷ୍ମ-ଜଳବାୟୁ (ମାଇକ୍ରୋ- କ୍ଲାଇମେଟ) ସଂରଚନା ସୃଷ୍ଟି କରାଏ। ବର୍ତ୍ତମାନ ରାଜଧାନୀ ଭୁବନେଶ୍ୱର ଏହାର ଜ୍ୱଳନ୍ତ ଉଦାହରଣ ସାଜିଛି। ଶୁଷ୍କ-ଉତ୍ତପ୍ତ ବାୟୁ ଉପକୂଳ ଅଞ୍ଚଳକୁ ପ୍ରବାହିତ ହେଲେ କିମ୍ବା ସାମୁଦ୍ରିକ ବାୟୁର ପ୍ରଭାବ ଉପକୂଳ ଅଞ୍ଚଳରେ କମିଲେ ରାଜଧାନୀ ନିଜର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ କଟକ, ଜଗତସିଂହପୁର, ନୟାଗଡ଼ ଓ ଖୋର୍ଦ୍ଧା-ଜଟଣୀଠାରୁ ଅଧିକ ଉତ୍ତପ୍ତ ହୋଇଯାଉଛି। ଏହା ଉଷ୍ମଦୀପର ପ୍ରଭାବକୁ ପରିଲକ୍ଷିତ କରାଉଛି ବୋଲି ଶ୍ରୀ ଦାସ କହିଛନ୍ତି।







## ସକାଳୁଆ ସ୍କୁଲ୍ ସମୟରେ ପରିବର୍ତ୍ତନ

### ● ସାଢ଼େ ୬ରୁ ସାଢ଼େ ୧୦ ପାଠପଢ଼ା

ରାଜ୍ୟରେ ବଢୁଥିବା ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି ଓ ବିଦ୍ୟାଳୟ ସମୟରେ ପରିବର୍ତ୍ତନ କରାଯାଇଛି। ପୂର୍ବରୁ ସକାଳ ୭ଟାରୁ ୧୧.୩୦ ଯାଏଁ ପାଠପଢ଼ା ହେଉଥିଲା। ଶନିବାର ଠାରୁ ସକାଳ ୬.୩୦ରୁ ୧୦.୩୦ ଯାଏଁ ପାଠପଢ଼ା ହେବା ନେଇ ନିର୍ଦ୍ଦେଶନାମା ଜାରି କରାଯାଇଛି। ଅଙ୍ଗନବାଡ଼ି ସମେତ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସରକାରୀ, ବେସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ସକାଳୁଆ ପାଠପଢ଼ା ସମୟରେ ପରିବର୍ତ୍ତନ କରାଯାଇଥିବା ନେଇ ଶୁକ୍ରବାର ଖୋର୍ଦ୍ଧା ଜିଲ୍ଲାପାଳ ବିଜ୍ଞପ୍ତି ଜାରି କରିଛନ୍ତି। ସୂଚନା ଅନୁଯାୟୀ, ରାଜ୍ୟର ସବୁଠୁ ଉତ୍ତପ୍ତ ସହର ଓ ଚଳିତ ବର୍ଷର ସର୍ବାଧିକ ତାପମାତ୍ରା ଶୁକ୍ରବାର ଭୁବନେଶ୍ୱରରେ ରେକର୍ଡ କରାଯାଇଛି। ସକାଳ ୧୧ଟା ୩୦ ବେଳକୁ ପାରଦ ୩୯.୮ ଡିଗ୍ରୀ ଛୁଇଁଥିବାବେଳେ ସର୍ବାଧିକ ତାପମାତ୍ରା ୪୩.୫ ଡିଗ୍ରୀ ରେକର୍ଡ କରାଯାଇଛି। ଫଳରେ ଛାତ୍ରଛାତ୍ରୀଙ୍କ ହିତ ଦୃଷ୍ଟିରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି।

## ଅଧରାତିରେ ଏମ୍‌ସରେ ରୋଗୀଙ୍କ ସମସ୍ୟା ଶୁଣିଲେ ମନ୍ମଥ

ଭୁବନେଶ୍ୱର, ୫।୪(ସମିସ): ଅଧରାତିରେ ଏମ୍‌ସ ପରିଦର୍ଶନ କରିଛନ୍ତି ଭୁବନେଶ୍ୱର ଲୋକସଭା ନିର୍ବାଚନର ବିଜେଡି ପ୍ରାର୍ଥୀ ମନ୍ମଥ ରାଉତରାୟ। ରାତି ପ୍ରାୟ ୩ଟା ୧୫ରେ ସେ ଭୁବନେଶ୍ୱର ଏମ୍‌ସ ହସ୍ପିଟାଲରେ ପହଞ୍ଚିଥିଲେ। ନିଜେ ଗାଡ଼ି ଚଳାଇ ଡାକ୍ତରଖାନାକୁ ଯିବା ସହ ରୋଗୀ ଓ ସମ୍ପର୍କୀୟଙ୍କ ସମ୍ପର୍କିୟଙ୍କ ଆଲୋଚନା କରିଥିଲେ। ରୋଗୀଙ୍କ ଅସୁବିଧା ସମ୍ପର୍କରେ ସେ ପଚାରି ବୁଝିଛନ୍ତି। ରାଜ୍ୟ ତଥା ରାଜ୍ୟ ବାହାରର ରୋଗୀ ଏମ୍‌ସକୁ ଚିକିତ୍ସା ପାଇଁ ଆସୁଥିବା ବେଳେ ରାତିରେ ବାହାରେ ଶୋଉଥିବା ଦେଖି ସେମାନଙ୍କ ସହ କଥା ହୋଇଥିଲେ। ଏହି ସମୟରେ କିଛି ଲୋକ ମନ୍ମଥଙ୍କ ଆଗରେ କାନ୍ଦିକାନ୍ଦି ସେମାନଙ୍କ ସମସ୍ୟା କହିଥିଲେ। କିଏ ସମ୍ପର୍କୀୟଙ୍କ ଚିକିତ୍ସା ପାଇଁ ଆଉ କିଏ ଟିକଟ୍ ପାଇଁ ରାତିରେ ଧାଡ଼ି ଲଗାଇ ସମସ୍ୟା ଭୋଗୁଥିବା କହିଥିଲେ। ଏମ୍ସ ବାହାରେ ଲୋକ ଅସୁବିଧା ଭୋଗୁଥିବା ଦେଖି ଦୁଃଖ ପ୍ରକାଶ ସହ ଏହାର ସମାଧାନ ପାଇଁ ପଦକ୍ଷେପ ନେବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ଗୁରୁବାର ପାର୍କରେ ଥିବା ଓପନ ଜିମ୍‌ରେ ତାଙ୍କୁ ଦେଖିବାକୁ ମିଳିଥିଲା।



## ରୋଗୀ ମୃତ୍ୟୁକୁ ନେଇ ଉତ୍ତେଜନା

ଭୁବନେଶ୍ୱର, ୫।୪ (ସମିସ): ଚିକିତ୍ସା ଅବହେଳାରୁ ରୋଗୀଙ୍କ ମୃତ୍ୟୁ ହୋଇଥିବା ନେଇ ଅଭିଯୋଗ ହୋଇଛି। ଏହାକୁ ନେଇ ଗୁରୁବାର ରାତିରେ ଉତ୍ତେଜନା ପ୍ରକାଶ ପାଇଛି। ଖଣ୍ଡଗିରି ଥାନା ଅନ୍ତର୍ଗତ ସୌଭାଗ୍ୟ ନଗରରେ ଥିବା ଏକ ଘରୋଇ ଡାକ୍ତରଖାନାରେ ଏଭଳି ଘଟଣା ଘଟିଛି। ଅଭିଯୋଗ ଅନୁଯାୟୀ, ମଧୁସୂଦନ ନଗରର ସିନେ ଫଟୋଗ୍ରାଫର ପି ଗୌତମ ରେଡ୍ଡୀଙ୍କର ଗତବର୍ଷ ଡିସେମ୍ବର ମାସରେ କଟକ ତେଲେଙ୍ଗାପେଣ୍ଠ ଠାରେ ଟ୍ରକ୍ ସହିତ ଦୁର୍ଘଟଣା ଘଟିଥିଲା। ପ୍ରଥମେ ଏକ ଡାକ୍ତରଖାନାରେ ଭର୍ତ୍ତି ହେବାପରେ ଡିସେମ୍ବର ୩୧ ତାରିଖ ଦିନ ସୌଭାଗ୍ୟ ନଗର ସ୍ଥିତ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗତକାଲି ତାଙ୍କର ମୃତ୍ୟୁ ହୋଇଥିଲା। ତେବେ ଚିକିତ୍ସା ଅବହେଳାରୁ ଗୌତମଙ୍କର ମୃତ୍ୟୁ ହୋଇଥିବା ନେଇ ମାମୁ ଶଙ୍କର କୁମାର ଗିରି ଅଭିଯୋଗ କରିଛନ୍ତି। ଡାକ୍ତର ତାଙ୍କ ପରିବାରକୁ ଅସ୍ତ୍ରୋପଚାର, ଜ୍ୱର ଓ ସଂକ୍ରମଣ ହୋଇଥିବା ନେଇ ବିଭିନ୍ନ ଆଳ ଦେଖାଇ ୩ ମାସ ମଧ୍ୟରେ ପ୍ରାୟ ୪୦ ଲକ୍ଷ ଟଙ୍କା ନେଇଥିଲେ ବୋଲି ଶ୍ରୀ ଗିରି ଅଭିଯୋଗ କରିଛନ୍ତି। ଏହାକୁ ନେଇ ଡାକ୍ତରଖାନା ଆଗରେ ଉତ୍ତେଜନା ପ୍ରକାଶ ପାଇଥିଲା।

## ଜାମିନ୍‌ରେ ଆସି ଅପରାଧ ଘଟାଇଲେ କଠୋର କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୫।୪(ସମିସ): ଜାମିନରେ ଆସି ପୁଣି ଅପରାଧ ଘଟାଇଥିବା ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ପୁଲିସ। ଏପରିକି ବଣ୍ଡ ବାତିଲ କରିବାକୁ ପୁଲିସ ନିବେଦନ କରିବ ବୋଲି କହିଛନ୍ତି ସିପି। ଇନ୍‌ଫୋସିଟି ଥାନା ପୁଲିସ ଏକ ଲୁଟ୍ ମାମଲାରେ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ଅଭିଯୁକ୍ତଙ୍କ ମଧ୍ୟରେ ସୋମନାଥ ଜେନା, ଯିଏ ଏକ ହତ୍ୟା ମାମଲାରେ ଜାମିନ୍‌ରେ ଆସି ପୁଣି ଅପରାଧ ଘଟାଇଥିଲା। କେବଳ ସୋମନାଥ ନୁହେଁ ଏହିଭଳି ଏକାଧିକ ଅପରାଧୀ ଜାମିନ୍‌ରେ ଆସି ଅପରାଧ ଘଟାଉଛନ୍ତି। ତେଣୁ ପୁଲିସ ଏହି ଅପରାଧୀମାନଙ୍କୁ ଏବେ ସାବାଡ଼ କରିବ। ଏନେଇ ପୁଲିସ କମିସନର ସଞ୍ଜୀବ ପଣ୍ଡା କଡ଼ା ଚେତାବନୀ ଦେଇଛନ୍ତି। ଏକାଧି ମାମଲାରେ ଏସବୁ ଜଣାପଡ଼ିବା ପୁଲିସ କଡ଼ା ପଦକ୍ଷେପ ନେଇଛି। ଯେଉଁମାନେ ଜାମିନ୍‌ରେ ଆସି ଅପରାଧ ଘଟାଉଛନ୍ତି ସେମାନଙ୍କ ଜାମିନ୍ ବଣ୍ଡ ବାତିଲ କରିବାକୁ ସିପି କହିଛନ୍ତି। ଯାହାଫଳରେ ସେମାନେ କୋର୍ଟରେ ରଖିଥିବା ସର୍ତ୍ତ ପାଳନ କରୁନାହାନ୍ତି। ତେଣୁ ଯେଉଁମାନେ ଜାମିନ୍‌ରେ ଆସି ଅପରାଧ ଘଟାଉଛନ୍ତି।

ରାଜଧାନୀରେ ଏବେ ଦେଖିବାକୁ ମିଳିଛି ଅନେକ ଅପରାଧୀ ଅନ୍ୟ ଜିଲ୍ଲାରେ ବଡ଼ ବଡ଼ ଅପରାଧ ଘଟାଇ ଭୁବନେଶ୍ୱର ପଳାଇ ଆସୁଛନ୍ତି। ଏଠାରେ ଛୋଟମୋଟ ଚୋରି କରି ଗିରଫ ହୋଇ ଜେଲ୍ ଯାଉଛନ୍ତି। କିନ୍ତୁ ଏହି ସମୟରେ ଅନ୍ୟ ଜିଲ୍ଲାରେ ଘଟାଇଥିବା ଅପରାଧରେ ସେମାନେ ଖସି ଯାଉଛନ୍ତି। ଫଳରେ ଚୋରି ମାମଲାରେ ୧୫ ଦିନ ପରେ ଜେଲ୍‌ରୁ ବାହାରିବା ପରେ ପୁଣି ସେମାନେ ଅପରାଧ ଘଟାଉଛନ୍ତି। କିନ୍ତୁ ଏବେ ଆଉ ସେ ସବୁ ଚଳିବ ନାହିଁ। ନିକଟରେ କିଏ ଜାମିନ୍‌ରେ ଆସି ଅପରାଧ ଘଟାଇଛନ୍ତି ସେମାନଙ୍କ ତାଲିକା କରୁଛି ପୁଲିସ। ଖୁବ୍‌ଶୀଘ୍ର ତାଲିକା ହେବା ପରେ ସେମାନଙ୍କ ବେଲ୍ ବଣ୍ଡ ବାତିଲ୍ କରିବାକୁ କୋର୍ଟକୁ ନିବେଦନ କରାଯିବ।

## ବିଏମ୍‌ସିର ଅଂଶୁଘାତ ସଚେତନତା

### ■ ମାଦକ ଦ୍ରବ୍ୟଠାରୁ ଦୂରେଇ ରହିବାକୁ ଆହ୍ୱାନ

ଭୁବନେଶ୍ୱର, ୫।୪(ସମିସ): ପ୍ରଚଣ୍ଡ ଖରା ହେଉଛି। ଏଭଳି ଖରାରେ ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ। ନ ହେଲେ ସ୍ୱାସ୍ଥାବସ୍ଥା ବିଗିଡ଼ି ଯାଇପାରେ। ଏଭଳି ଏକ ସଚେତନତାଧର୍ମୀ ପୋଷ୍ଟର ଜାରି କରିଛି ବିଏମ୍‌ସି। ଏହାସହ ବିଏମ୍‌ସି ଅଂଶୁଘାତର ମୁକାବିଲା ପାଇଁ ଆଉ ୭ ସୂତ୍ରୀ ଚେତାବନୀ ଜାରି କରିଛି। ସେଗୁଡ଼ିକ ମଧ୍ୟରେ ରହିଛି, ଟାଣ ଖରାରେ କଠିନ ପରିଶ୍ରମ ନ କରିବା। ବାହାରକୁ ନ ବାହାରିବା, ପ୍ରଚୁର ପାଣି ପିଇବା ସହ ସାଙ୍ଗରେ ପାଣି ବୋତଲ ନେବା, କଳା ଚଷମା, ଟୋପି, ଓଦା ଗାମୁଛା, ଛତା ବ୍ୟବହାର କରିବା, ହାଲୁକା ଢିଲା କଟନ ପ୍ୟାଣ୍ଟ ସାର୍ଟ ପିନ୍ଧିବା, କାକୁଡ଼ି, ତରଭୁଜ, ଘୋଳଦହି, ଓଆରଏସ୍ ଆଦି ପିଇବା ଇତ୍ୟାଦି। ସେହିପରି ଅଂଶୁଘାତରେ ଶିକାର ହୋଇଥିବା ବ୍ୟକ୍ତିଙ୍କୁ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିବାକୁ କୁହାଯାଇଛି। ଅନ୍ୟପକ୍ଷରେ ଗୃହପାଳିତ ପଶୁମାନଙ୍କୁ ଥଣ୍ଡା ଛାଇରେ ରଖିବା ସହ

# ବିଡିଏ ଆଣିବ ପ୍ରିପେଡ୍ ବୁକିଂ ଆପ୍

### ପ୍ରାଥମିକ ପର୍ଯ୍ୟାୟରେ ବିଏସ୍‌ଏବିଟିରେ ମିଳିବ ଏହି ସେବା

### ମନଇଚ୍ଛା ଦର କଷିପାରିବେନି ଗାଡ଼ି ଚାଳକ

ଭୁବନେଶ୍ୱର, ୫।୪(ସମିସ)

ଅଟୋ ଓ ଟ୍ୟାକ୍ସିରେ ଯାତ୍ରୀମାନଙ୍କ ଯାତ୍ରାକୁ ସୁରକ୍ଷିତ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଖୁବ୍‌ଶୀଘ୍ର ଏକ ମୋବାଇଲ ଆପ୍ଲିକେସନ ଲଞ୍ଚ କରିବାକୁ ଯାଉଛି। ଏହି ଆପ୍ ମାଧ୍ୟମରେ ଯାତ୍ରୀମାନେ ନିଜର ଗନ୍ତବ୍ୟସ୍ଥଳକୁ ସହଜରେ ଓ ସୁରକ୍ଷିତ ଭାବେ ଯାତ୍ରା କରିପାରିବେ। ଏଥିରେ ଯାତ୍ରୀମାନଙ୍କ ପାଇଁ ପ୍ରିପେଡ୍

### ସୁରକ୍ଷିତ ହେବ ଅଟୋ ଓ ଟ୍ୟାକ୍ସି ଯାତ୍ରା

ବୁକିଂ ସେବା ଉପଲବ୍ଧ ହେବ। ଯାତ୍ରୀମାନେ ପୂର୍ବରୁ ନିଜର ଗନ୍ତବ୍ୟସ୍ଥଳରେ ପହଞ୍ଚିବା ପାଇଁ ବୁକିଂ କରିବାର ବ୍ୟବସ୍ଥା ଏଥିରେ ଉପଲବ୍ଧ ହେବ। ଏହି ଆପ୍ ଦ୍ୱାରା ଅସାଧୁ ଗାଡ଼ି ଚାଳକମାନେ ଯାତ୍ରୀଙ୍କ ଉପରେ ମନଇଚ୍ଛା ଦର କଷି ପାରିବେନି। ଏହାସହ ମୋବାଇଲ୍ ଆପ୍‌ରେ ଗାଡ଼ି ଚାଳକଙ୍କ ସମସ୍ତ ତଥ୍ୟ ମହଜୁଦ୍ ରହିଥିବାରୁ କୌଣସି ଯାତ୍ରୀ ଅସଦାଚରଣ ଶିକାର ହେବେନି। ଏହି ସେବା ପ୍ରଥମେ ବାବା ସାହେବ ଭୀମରାଓ ଆମ୍ବେଦକର ବସ୍ ଟର୍ମିନାଲ୍ (ବିଏସ୍‌ଏବିଟି) ରୁ ଆରମ୍ଭ କରାଯିବ। ପରବର୍ତ୍ତୀ ସମୟରେ ଭୁବନେଶ୍ୱର ରେଳ ଷ୍ଟେସନ ଓ କ୍ୟାପିଟାଲ୍ ହସ୍ପିଟାଲ ଭଳି ଜନବହୁଳ ସ୍ଥାନରେ ଉପଲବ୍ଧ ହେବ।



ସୂଚନାନୁସାରେ, ଯାତ୍ରୀମାନଙ୍କ ଯାତ୍ରାକୁ ସୁରକ୍ଷିତ କରିବାର ସୁବିଧା ଦେବ ଏହି ମୋବଇଲ୍ ଆପ୍। ଏହାସହ ଯାତ୍ରୀମାନଙ୍କୁ ଘଣ୍ଟା ଘଣ୍ଟା ଧରି ଅଟୋ, ଟ୍ୟାକ୍ସି ପାଇଁ ଅପେକ୍ଷା କରିବାକୁ ପଡ଼ିବନି। ପୂର୍ବରୁ ବୁକିଂ କରିଥିଲେ ନିର୍ଦ୍ଦିଷ୍ଟ ସମୟରେ ଗାଡ଼ି ପିକ୍-ଅପ୍ କରିବାକୁ ପହଞ୍ଚିଯିବ। ଫଳରେ ଯାତ୍ରୀମାନେ ଠିକ୍ ସମୟରେ ନିଜ ଗନ୍ତବ୍ୟସ୍ଥଳରେ ପହଞ୍ଚିପାରିବେ। କିଲୋମିଟର ଅନୁସାରେ ଧାର୍ଯ୍ୟ ହେବ ଗାଡ଼ି ଭଡ଼ା। ଏହାଦ୍ୱାରା ଯାତ୍ରୀ ଓ ଚାଳକଙ୍କ ଭିତରେ ଭଡ଼ାକୁ ନେଇ ବାକ୍‌ବିତଣ୍ଡା ହେବନି। ଏହାସହ ଯାତ୍ରୀମାନେ ଗାଡ଼ି ଚାଳକଙ୍କ ଉପରେ ଭରସା କରିପାରିବେ। ରାତିରେ ମହିଳା ଯାତ୍ରୀମାନେ ସୁରକ୍ଷିତ ଭାବେ ଯାତ୍ରା କରିପାରିବେ। ଏହି ଆପ୍ ଦ୍ୱାରା ଅଟୋ ରିକ୍ସା ଓ ଟ୍ୟାକ୍ସି ଚାଳକଙ୍କ ଅଧିକ ଭଡ଼ା ମିଳିବ। ଏଥିରେ ଏକାଧିକ ଗାଡ଼ି ଓ ଚାଳକ ନିୟୋଜିତ ହୋଇ ଏକ ବ୍ୟବସ୍ଥିତ ଢଙ୍ଗରେ ଅର୍ଥ ଉପାର୍ଜନ କରିପାରିବେ। ୨୪ଘଣ୍ଟା ଏହି ସେବା ଉପଲବ୍ଧ କରାଯାଉଥିବାରୁ ଗାଡ଼ି ଚାଳକମାନେ ସବୁ ସମୟରେ ଭଡ଼ା ପାଇପାରିବେ। ଯାତ୍ରୀମାନେ ମଧ୍ୟ ସବୁ ସମୟରେ ଗାଡ଼ି ପାଇବେ।

ମୋବାଇଲ୍ ଆପ୍ ବ୍ୟତୀତ ଯାତ୍ରୀମାନଙ୍କ ପାଇଁ ବସ୍ ଟର୍ମିନାଲ୍ ପରିସରରେ ଏକ ବୁକିଂ କାଉଣ୍ଟରର ବ୍ୟବସ୍ଥା ମଧ୍ୟ ଉପଲବ୍ଧ ହେବ। ଯେଉଁ ଯାତ୍ରୀମାନେ ସ୍ମାର୍ଟ ଫୋନ୍ ବ୍ୟବହାର କରୁନଥିବେ ଅଥବା ଆପ୍ ବିଷୟରେ ଅଜ୍ଞ ଥିବେ, ସେମାନେ ଏହି କାଉଣ୍ଟର ସାହାଯ୍ୟରେ ଯାତ୍ରା କରିପାରିବେ। ଏହି କାଉଣ୍ଟର ତଥା ସ୍ୱୟଂଚାଳିତ କିଓସ୍କ ମାଧ୍ୟମରେ ଯାତ୍ରୀମାନେ ଅଟୋ ଓ ଟ୍ୟାକ୍ସି ରିଜର୍ଭ ବୁକିଂ କରିପାରିବେ। ଏକ ଘରୋଇ ସଂସ୍ଥାଦ୍ୱାରା ଏହାକୁ ପରିଚାଳନା କରାଯିବ। ସେହି ସଂସ୍ଥା ଏହି ପ୍ରିପେଡ୍ ଟ୍ୟାକ୍ସି ବୁକିଂ ଆପ୍‌ର ଡିଜାଇନ ଓ ପରିଚାଳନା ଭାର ଗ୍ରହଣ କରିବ। ଖୁବ୍‌ଶୀଘ୍ର ଏ ନେଇ ଟେଣ୍ଡର ଆହ୍ୱାନ କରାଯିବ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ବିଡିଏର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଏହି ପ୍ରିପେଡ୍ ଟ୍ୟାକ୍ସି ବୁକିଂ ସିଷ୍ଟମ୍ ଦ୍ୱାରା ଯାତ୍ରୀଙ୍କ ଆବଶ୍ୟକତା ପୂରଣ ହୋଇପାରିବ। ଏହାସହ ସ୍ୱଚ୍ଛତା, ସୁରକ୍ଷା ଓ ସମୟାନୁବର୍ତ୍ତୀ ଯାତ୍ରା ସମ୍ଭବ ହୋଇପାରିବ। ଏହାସହ ଅଟୋ ରିକ୍ସା ଚାଳକମାନଙ୍କ ସହଜରେ ଅଧିକ ଭଡ଼ା ମିଳିପାରିବ। ଏହା ଗାଡ଼ି ଚାଳକଙ୍କ ପାଇଁ ଅଧିକ ରୋଜଗାର ସୃଷ୍ଟି କରିବ ବୋଲି ସେ କହିଛନ୍ତି।





# ତାତି ସହ ବଢୁଛି ଥଣ୍ଡାପାନୀୟ ଚାହିଦା



ଭୁବନେଶ୍ୱର, ୫ା୪(ସମିସ): ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଉଥିବାବେଳେ ଗରମରୁ ଟିକେ ନିସ୍ତାର ପାଇବାକୁ ଥଣ୍ଡା ପାନୀୟ ସାଜିଛି ଏକମାତ୍ର ସାହାରା। ଘଣ୍ଟାରେ ୧୦ ବାଜିଲା ବେଳକୁ ମୁଣ୍ଡ ଉପରେ ୩୫ ଡିଗ୍ରୀର ଖରା। ହେଲେ ଖରାକୁ ଖାତିର ନ କରି ନିଜ ନିଜ କାମରେ ବାହାରି ଯାଆନ୍ତି ସମସ୍ତେ। ଘରୁ ଯେ କୌଣସି କାମରେ ବାହାରକୁ ବାହାରିବା ମାତ୍ରେ ପ୍ରଥମେ ଗାଡ଼ି ଅଟକିଥାଏ ଥଣ୍ଡା ପାନୀୟ ନିକଟରେ। ଆଖୁ ରସ ଠାରୁ ଆରମ୍ଭ କରି ପଇଡ଼ ପାଣି, ବେଲପଣା, ଲସି ଆଦି ପାନୀୟ ଗରମରୁ ରକ୍ଷା କରିବା ସହ ଶରୀରକୁ ଶକ୍ତି ମଧ୍ୟ ଯୋଗାଇଥାଏ। ଏଥିପାଇଁ ସହରର ଛକ ଛକରେ ଖୋଲାଯାଇଥିବା ଥଣ୍ଡା ପାନୀୟ ଦୋକାନ ଗୁଡ଼ିକରେ ପ୍ରବଳ ଭିଡ଼ ଜମୁଥିବା ଦେଖିବାକୁ ମିଳିଛି।

ପ୍ରଚଣ୍ଡ ଖରାକୁ ଦୃଷ୍ଟିରେ ରଖି ବ୍ୟବସାୟୀମାନେ ଖରାଦିନରେ ତାଳସଜ, ବେଲପଣା, ଆଖୁରସ ଭଳି ସିଜିଓନାରୀ ବ୍ୟବସାୟ କରି ରୋଜଗାରକ୍ଷମ ହୋଇପାରିଛନ୍ତି। ସେମାନଙ୍କ ମଧ୍ୟରୁ କେତେକ କେବଳ ଖରାଦିନରେ ଏହି ସବୁ ବ୍ୟବସାୟ କରି କିଛି ଲାଭ ପାଇଥାନ୍ତି। ପ୍ରବଳ ଖରା ହେଉଥିବାରୁ ସାଧା ପାଣି ଅପେକ୍ଷା ଦହି ସର୍ବତ, ଲସି, ବେଲପଣା, ତରଭୁଜ, ଲେମ୍ବୁ ପାଣି, ଆମ୍ବ ସର୍ବତ ସାଙ୍ଗକୁ ବିଭିନ୍ନ ଫଳ ଜୁସ୍‌ର ଚାହିଦା ବଢ଼ୁଛି। ସକାଳ ସମୟରେ ପଇଡ଼ପାଣି, ଦହି ପାଣି, ପୁଦିନା ପାଣି, ଆଖୁରସର ଅଧିକ ଚାହିଦା ରହିଥିବାବେଳେ ଖରାବେଳୁ ରାତି ଯାଏ ଲସି, ବେଲପଣା ସାଙ୍ଗକୁ ବିଭିନ୍ନ ଫଳ ଜୁସ୍ ପିଇବା ପାଇଁ ଛୋଟ ପିଲାଙ୍କ ଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଧାଉଁଥିବା ବିଭିନ୍ନ ସ୍ଥାନରେ ଭିଡ଼ରୁ ପରିଲକ୍ଷିତ ହେଉଛି।

## ଫାଷ୍ଟଫୁଡ୍ ଆଇଟମ୍ ପ୍ରଭାବିତ

ସାଧରଣତଃ ସନ୍ଧ୍ୟା ସମୟରେ ଗୁପଚୁପ୍, ଚାଟ୍, ମୋମୋସ୍, ଚିକେନ୍ ପକୋଡ଼ା, ଚିକେନ୍ ଲଲିପପ୍, ରୋଲ୍, ଚାଓମିନ୍, ବିରିୟାନି, ବରା, ଆଲୁଚପ୍ ସାଙ୍ଗକୁ ପିଜା, ବରଗର, ପାଓଭାଜି ଭଳି ଚଟ୍‌ପଟା ଖାଦ୍ୟ ଖାଇବାକୁ ପସନ୍ଦ କରିଥାନ୍ତି। ହେଲେ ଗୁଳୁଗୁଳିରେ ପ୍ରଭାବିତ ହୋଇଛି ଫାଷ୍ଟଫୁଡ୍ ଆଇଟମ୍। ଆମିଷ ବାର ହେଉ ଅବା ନିରାମିଷ ବାରରେ ଯୁବଗୋଷ୍ଠୀମାନେ ଫାଷ୍ଟଫୁଡ୍ ଖାଇବାକୁ ଲାଇନ୍ ଲଗାଉଥିବା ବେଳେ ଏବେ ସନ୍ଧ୍ୟାରେ ତେଲଛଣା ଖାଦ୍ୟ କିମ୍ବା ଫାଷ୍ଟଫୁଡ୍ ବ୍ୟବସାୟୀମାନଙ୍କ ପାଖରେ ଗ୍ରାହକଙ୍କ ଦେଖା ମିଳୁନି। ଫଳରେ ବ୍ୟବସାୟୀମାନେ ନିରାଶ ହେଉଥିବା ଦେଖିବାକୁ ମିଳିଛି। ତେଣୁ ଏହି ସମୟରେ କେତେକ ବ୍ୟବସାୟୀ ନିଜର ବୃତ୍ତି ବଦଳାଇଥିବା ଦେଖିବାକୁ ମିଳିଛି। ଯୁବ ବ୍ୟବସାୟୀ ସମ୍ବିତ୍ ସାହୁ କହିଛନ୍ତି ଯେ, ସେ ଜଣେ ଟ୍ରାଭେଲ ଏଜେନ୍ସି ହୋଇଥିବାବେଳେ ଗତବର୍ଷ ଖରାଦିନରେ ଲସି ବ୍ୟବସାୟରୁ ଭଲ ଅର୍ଥ ରୋଜଗାର କରିଥିବାରୁ ଏଥର ମଧ୍ୟ ଲସି ଓ ବେଲପଣା ବ୍ୟବସାୟ ଆରମ୍ଭ କରିଥିବା କହିଛନ୍ତି। ସେହିପରି ଫାଷ୍ଟଫୁଡ୍ ବ୍ୟସାୟ କରୁଥିବା ଲକ୍ଷ୍ମୀଧର ନାଏକ କହିଛନ୍ତି ଯେ, ଖରା ଆରମ୍ଭରୁ ଗ୍ରାହକ ଫାଷ୍ଟଫୁଡ୍ ଖାଦ୍ୟ ଠାରୁ ମୁହଁ ଫେରାଇ ନେଲେଣି। ତେଣୁ ଖରା ସରିବା ଯାଏ ଲସି ବ୍ୟବସାୟ ଆରମ୍ଭ କରିଛି। କାରଣ ଏହି ବ୍ୟବସାୟକୁ ପରିବାର ଲୋକେ ନିର୍ଭର କରନ୍ତି।

ବ୍ୟବସାୟୀଙ୍କ ମନମାନୀ: ଖରା ବାହାନାରେ ବ୍ୟବସାୟମୀମାନେ ମନଇଚ୍ଛା ବିଭିନ୍ନ ଖାଦ୍ୟପାନୀୟର ଦରବୃଦ୍ଧି କରୁଥିବା ଦେଖିବାକୁ ମିଳିଛି। ପୂର୍ବରୁ ଆଖୁରସ ଏକ ଗ୍ଲାସ ୧୦ରୁ ୧୫ ଟଙ୍କା ରହିଥିବାବେଳେ ଏବେ ତାହା ୨୦ଟଙ୍କାରେ ପହଞ୍ଚିଛି। ସେହିପରି ତରଭୁଜ କିଲୋ ପିଛା ୧୫ରୁ ୨୦ଟଙ୍କାରେ ବିକ୍ରି ହେଉଥିବାବେଳେ ଏକ ଖଣ୍ଡକୁ ୧୫ରୁ ୨୦ ଟଙ୍କାରେ କିଣୁଛନ୍ତି ଗ୍ରାହକ। ଯାହା ପୂର୍ବରୁ ମାତ୍ର ୧୦ଟଙ୍କାରେ ମିଳୁଥିଲା। ସେହିପରି ବେଲପଣା ଗ୍ଲାସକୁ ମଧ୍ୟ ଅନେକ ସ୍ଥାନରେ ୩୦ ଟଙ୍କାରେ ବିକ୍ରି ହେଉଛି।



# ଖବର ପ୍ରକାଶ ପରେ ଅଭିନେତ୍ରୀଙ୍କୁ ମିଳିଲା ସହାୟତା

ଭୁବନେଶ୍ୱର, ୫ା୪(ସମିସ)

ଚକେଇସିଆଣି ଅଞ୍ଚଳରେ ରହୁଥିବା ଅଭିନେତ୍ରୀ ସରସ୍ୱତୀ ନାୟକ ବ୍ରେଷ୍ଟ ଟ୍ୟୁମର୍ ରୋଗରେ ଆକ୍ରାନ୍ତ ହୋଇ ଦୀର୍ଘଦିନ ହେବ ଯନ୍ତ୍ରଣା ଭୋଗୁଥିଲେ। ଡାକ୍ତର ତୁରନ୍ତ ଅସ୍ତ୍ରୋପଚାର ପାଇଁ କହିଥିବା ବେଳେ ଏଥିପାଇଁ ଅର୍ଥ ବାଧକ ସାଜିଥିଲା। ଏ ନେଇ ଗତ ମାର୍ଚ୍ଚ ୨୯ ତାରିଖରେ ଦୈନିକ 'ସକାଳ'ରେ ପ୍ରକାଶିତ ଖବରରୁ ଏ ସମ୍ପର୍କରେ ଜାଣି ସରସ୍ୱତୀଙ୍କ ନିକଟକୁ ସହାୟତାର ହାତ ବଢ଼ିଛି। ସାମାଜିକ ଅନୁଷ୍ଠାନ ହେଲ୍‌ପ ଇଣ୍ଡିଆ ପକ୍ଷରୁ ଆବଶ୍ୟକ ମେଡିସନ୍ ସମେତ ରାସନ୍ ସାମଗ୍ରୀ ପ୍ରଦାନ କରାଯାଇଛି। ଏପରିକି ଅସ୍ତ୍ରୋପଚାର ପାଇଁ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ମିଳିଛି। ସୂଚନା ଅନୁସାରେ, ସରସ୍ୱତୀ ବିଭିନ୍ନ ଧାରାବାହିକରେ ପାର୍ଶ୍ୱ ଅଭିନେତ୍ରୀ ଭାବେ କାମ କରିବା ସହ ସ୍ଥାନୀୟ ଏକ ମସଲା କାରଖାନାରେ କାମ କରୁଥିଲେ। କିଛିଦିନ ହେବ ଛାତିରେ ଯନ୍ତ୍ରଣା ଅନୁଭବ ହେବାରୁ ସେ ଡାକ୍ତରଙ୍କୁ ଦେଖାଇଥିଲେ। ତାଙ୍କର ବ୍ରେଷ୍ଟ ଟ୍ୟୁମର ହୋଇଥିବାରୁ ତୁରନ୍ତ ଅପରେସନ୍ କରାଯିବା ସହ ୩ମାସ ଔଷଧ ଖାଇବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ତେବେ ମାସିକ ଔଷଧ ଖର୍ଚ୍ଚ ବହନ କରିବା ସରସ୍ୱତୀଙ୍କ ପାଇଁ ସମ୍ଭବ ନ ଥିଲା। ଦୀର୍ଘଦିନ ହେବ ସ୍ୱାମୀ କେଉଁଆଡ଼େ ଚାଲିଯିବା ସହ ଦୁଇଟି ଛୋଟ ପିଲାଙ୍କୁ ନେଇ ସେ କଷ୍ଟରେ ଚଳୁଥିଲେ। ତେବେ ଶରୀର ଅସୁସ୍ଥ ପାଇଁ କାମ କରିବାକୁ ଯାଇ ପାରୁ ନଥିବାରୁ ଘରେ ଚୂଲି ମଧ୍ୟ ଜଳୁନଥିଲା। ଖବରକାଗଜରୁ ତାଙ୍କ ଦୁର୍ବିସହ ଜୀବନ ସମ୍ପର୍କରେ ଜାଣି ହେଲପ୍ ଇଣ୍ଡିଆ ପକ୍ଷରୁ ଗଗନ ପାଇଟାଲ, ପ୍ରଶାନ୍ତ କୁମାର ମହାନ୍ତି ସରସ୍ୱତୀଙ୍କ ନିକଟରେ ପହଞ୍ଚି ତାଙ୍କୁ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା କରାଇଛନ୍ତି। ଡାକ୍ତରଙ୍କ ପରାମର୍ଶ ଅନୁସାରେ ୩ମାସ ଔଷଧ ଖାଇବା ପରେ ଅପରେସନ୍ ପାଇଁ ସମସ୍ତ ସହାୟତା ପ୍ରଦାନ କରିବେ ବୋଲି ସରସ୍ୱତୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏ ନେଇ ସରସ୍ୱତୀ 'ସକାଳ' ଓ 'ହେଲପ୍ ଇଣ୍ଡିଆ'କୁ ଧନ୍ୟବାଦ ଜଣାଇଛନ୍ତି।



# ଜମିଲା ଭଗବାନପୁର ମେଳଣ

ଭୁବନେଶ୍ୱର, ୫ା୪(ସମିସ): ଭଗବାନପୁର ଠାରେ ଚାଲିଥିବା ଦଶ ଦୋଳ ମେଳଣର ହରିହର ଭେଟ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ୭ ବର୍ଷ ହେବ ଚାଲିଥିବା ଏହି ମେଳଣ ଉତ୍ସବ ସ୍ଥାନୀୟ ଅଞ୍ଚଳରେ ଭାଇଚାରା ରକ୍ଷା କରିବାରେ ପ୍ରମୁଖ ଭୂମିକା ନିଭାଇ ଆସୁଛି। ଉତ୍ସବର ପ୍ରଥମ ଦିନରେ ଥାନପତି ଶ୍ରୀଶ୍ରୀ ମଦନମୋହନ ଦେବ ସୁସଜ୍ଜିତ ବିମାନରେ ବିରାଜମାନ ହୋଇ ଶ୍ରୀରଘୁନାଥଜିଉଙ୍କ ମନ୍ଦିରରେ ପହଞ୍ଚିଥିଲେ। ସେଇଠି କୋଠ ଭୋଗ ଲାଗି ହେବା ପରେ ଛୋଟି ଭୁଆସୁଣୀଙ୍କ ପୀଠରେ ବିଶ୍ରାମ ନେଇଥିଲେ। ପାତ୍ରପଡ଼ାର ଶ୍ରୀଶ୍ରୀ ଗୋପୀନାଥ ଦେବ ଆସି ସେଠାରେ ପହଞ୍ଚି ବିଶ୍ରାମ ନେଇଥିଲେ। ଶ୍ରୀ ମଦନମୋହନ ଦେବ, ଶ୍ରୀ ରଘୁନାଥ ଜୀଉ, ଶ୍ରୀ ଗୋପୀନାଥ ଦେବ, ଶ୍ରୀ ଚନ୍ଦ୍ରଶେଖର ଦେବ ଓ ମହାବୀର ମିଶି ମେଳଣ ପଡ଼ିଆକୁ ବିଜେ କରିଥିଲେ। ଗୁରୁବାର ଭୋରରୁ ଜମାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବକୁ ଦେଖିବା ପାଇଁ ଶହ ଶହ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ଦ୍ୱିତୀୟ ଦିନରେ ଭାଇଗ୍ରାମ ଠାକୁରମାନେ ଗାଁ ମୁଣ୍ଡରେ ପହଞ୍ଚିବା ପରେ ପୂଜକ ଠାକୁରମାନଙ୍କୁ ମେଳଣ ପଡ଼ିଆକୁ ପାଛୋଟି ନେଇଥିଲେ। ତମାଣ୍ଡୋ, ପାତ୍ରପଡ଼ା, ଭଗବାନପୁର, ମେଣ୍ଢାଶାଳ, ଘାଟିକିଆ, ଗିରିଙ୍ଗ। ପୁଟ, କଣ୍ଟ। ବା। ଡ଼, ପାଇକରାପୁର, ପାଇକରାପୁର (ଗ୍ରାମଗତ), ସିଜୁଆ, ଛୋଟରାୟପୁର, କାଶିପୁର, ନଁପୁଟ ଓ ମହୁରା ଆଦି ପ୍ରାୟ ୧୭ଟି ଗ୍ରାମର ଠାକୁର ଏହି ମେଳଣରେ ସାମିଲ ହୋଇଥିଲେ। ଉତ୍ସବର ଦ୍ୱିତୀୟ ଦିନରେ ଅର୍ଥାତ୍ ଗୁରୁବାର ସନ୍ଧ୍ୟାରେ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ଅପରାହ୍ନରେ ଧୁମ୍‌ଧାମରେ ହରିହର ଭେଟ ଅନୁଷ୍ଠିତ ହୋଇଥିଲା। ଘଣ୍ଟୁଆଙ୍କ ଘଣ୍ଟ ଶବ୍ଦ ସାଙ୍ଗକୁ ବାଜା ବାଣରେ ମେଳଣ ପଡ଼ିଆ କମ୍ପି ଉଠିଥିଲା। ବିଭିନ୍ନ ପ୍ରକାରର ଆତସବାଜି ପ୍ରଦର୍ଶନ ହୋଇଥିଲା। ଏହି ଅବସରରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା। ମେଳଣ ଉତ୍ସବ ଅବସରରେ ଗ୍ରାମ କମିଟି ପକ୍ଷରୁ ଦେୟମୁକ୍ତ ଅପେରା ପରିବେଷଣ କରାଯାଉଛି। ଗୁରୁବାର ଠାରୁ ଶ୍ରୀଗଣନାଟ୍ୟ ନାଟକ ପରିବେଷଣ କରୁଥିବାବେଳେ ଶନିବାର ଏହା ଉଦଯାପିତ ହେବ।



- ବାଜାବାଣରେ କମ୍ପିଲା ପଡ଼ିଆ
- ହରିହର ଭେଟ ପରେ ବିଦାୟନେଲେ ଠାକୁର

## ମୌଳିକ ପ୍ରସଙ୍ଗ ନେଇ ଲୋକଙ୍କ ପାଖକୁ ଯିବ 'ଆପ୍'

ଭୁବନେଶ୍ୱର, ୫ା୪(ସମିସ): ଆଗାମୀ ବିଧାନସଭା ନିର୍ବାଚନରେ ଆମ୍ ଆଦ୍‌ମୀ ପାର୍ଟି ମଜବୁତିର ସହିତ ଲଢ଼ିବ। ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ଓ କୃଷି ଭଳି ମୌଳିକ ସମସ୍ୟା ନେଇ ଲୋକଙ୍କ ପାଖକୁ ଯିବ ଦଳ। ଓଡ଼ିଶାରେ ସଂସଦୀୟ କ୍ଷେତ୍ର ନୁହେଁ, ବିଧାନସଭା ନିର୍ବାଚନରେ ଦଳ ପ୍ରାର୍ଥୀ ଦେବ। ପଞ୍ଚ ଦିବସୀୟ ଦିଲ୍ଲୀ ଗସ୍ତରୁ ଫେରିବା ପରେ ଏଭଳି ମନ୍ତବ୍ୟ ଦେଇଛନ୍ତି 'ଆପ୍'ର ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର। ସେ ଆହୁରି କହିଛନ୍ତି ଯେ ଏଥର ନିର୍ବାଚନ ପରିବର୍ତ୍ତନର କଥା କହିବ ଏବଂ ଆମ୍ ଆଦ୍‌ମୀ ପାର୍ଟି ବିପୁଳ ଜନ ସମର୍ଥନ ଲାଭ କରିବ। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ସହିତ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଯେପରି ଗିରଫ କରାଗଲା ଏବଂ ବିରୋଧୀ ଦଳର ଲୋକ ମାନଙ୍କ ବିରୁଦ୍ଧରେ ନିର୍ବାଚନ ଅବ୍ୟାହତି ପୂର୍ବରୁ ଇଡି, ସିବିଆଇ ଏବଂ ଇନକମ୍ ଟ୍ୟାକ୍ସ ଭଳି କେନ୍ଦ୍ରୀୟ ଯାଞ୍ଚ ସଂସ୍ଥା ଦ୍ୱାରା ଚଢ଼ଉ କରି ଗଣତନ୍ତ୍ରକୁ ଯେଉଁଭଳି ଭାବେ ହତ୍ୟା କରାଯାଇଛି ତାହାର ପ୍ରତିବାଦରେ ଆଗାମୀ ୭ ତାରିଖରେ ସାରା ଦେଶରେ ଆମ୍ ଆଦ୍‌ମୀ ପାର୍ଟି ଏକଦିବସୀୟ ଉପବାସ କରିବାକୁ ଯାଉଅଛି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ରଙ୍କ ସମେତ ଜୟସୂର୍ଯ୍ୟ କାନୁନଗୋ, ଦୁର୍ଗା ପ୍ରସାଦ ପରିଡ଼ା, ସଂଦୀପ୍ତ ଦାସ ଏବଂ କୃତ୍ତିବାସ ମୁଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ।

## ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ସନ୍ଧ୍ୟା 'ଇନ୍ଦ୍ରଧନୁ'

ଭୁବନେଶ୍ୱର, ୫ା୪(ସମିସ): ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ସନ୍ଧ୍ୟା 'ଇନ୍ଦ୍ରଧନୁ' ରବୀନ୍ଦ୍ରମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଶିଶୁ କଳାକାର ଦିବ୍ୟାଂଶୀ ରାଉତ ବେହେଲା ବାଦନ କରିଥିଲେ। ସେ ବାଗେଶ୍ରୀ ରାଗରେ ବିଲମ୍ବିତ, ମଧ୍ୟଲୟ ଏବଂ ଦୃତ୍‌ଲୟରେ ଯୋଡ଼, ଝାଲା ପରିବେଷଣ କରିଥିଲେ। ଏହାପରେ ଦାଦ୍ରାତାଳରେ ଏକ ଧୂନ୍ ପରିବେଷଣ କରିଥିଲେ। ତାଙ୍କୁ ତବଲାରେ ଗୁରୁ କୃଷ୍ଣଚନ୍ଦ୍ର ବରାଳ ସହଯୋଗ କରିଥିବାବେଳେ ଏଥିରେ ନିର୍ଦ୍ଦେଶନା ଦେଇଥିଲେ ଅଧ୍ୟାପକ ପ୍ରଶାନ୍ତ କୁମାର ପାଢ଼ୀ। ସେହିପରି ପରବର୍ତ୍ତୀ ପ୍ରସ୍ତୁତିରେ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ କଣ୍ଠ ସଙ୍ଗୀତ ପରିବେଷଣ ହୋଇଥିଲା। ଶୁଭ୍ରାଂଶୀ ରାଉତ ପୁରିଆ ଧନାଶ୍ରୀ ରାଗରେ ବିଲମ୍ବିତ ଖୟାଲ, ମଧ୍ୟଲୟ ଛୋଟାଖୟାଲ୍ ତିନ୍ ତାଳରେ ଏବଂ ଦୃତ୍‌ଲୟ ଦୃତ୍ ଏକତାଳ, ଅତିଦୃତ୍‌ଲୟରେ ତାରାନା ପରିବେଷଣ କରିଥିଲେ। ଶେଷରେ ସେ ଭୈରବୀ ରାଗରେ ଭଜନ ପରିବେଷଣ କରିଥିଲେ। ତାଙ୍କୁ ତବଲାରେ କଷ୍ଣଚନ୍ଦ୍ର ବରାଳ, ହାରମୋନିୟମ୍ ରେ ଗୁରୁ ବିମଳାନନ୍ଦ ନାୟକ, ନାନପୁରାରେ ଶୁଶ୍ରୀ ସସ୍ମିତା ବେହେରା ସହଯୋଗ କରିଥିଲେ। ଏହାକୁ ନିର୍ଦ୍ଦେଶନା ଓ ସ୍ୱର ସଂଯୋଜନା କରିଥିଲେ ଗୁରୁ ବିଜୟାନନ୍ଦ ନାୟକ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଶିଷ୍ଟ ତବଲା ବାଦକ ପଣ୍ଡିତ ହରମୋହନ ଖୁଣ୍ଟିଆ, ମ୍ୟୁଜିକ୍ ସର୍କଲର ସଭାପତି ଅବସରପ୍ରାପ୍ତ ଆଇଏଏସ୍ ଡ. ଅରବିନ୍ଦ ବେହେରା, ବିଶିଷ୍ଟ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ସମ୍ପମ୍ ସିଇଓଙ୍କୁ 'ଉତ୍କଳ ପ୍ରତିଭା ସମ୍ମାନ'

ଭୁବନେଶ୍ୱର, ୫ା୪(ସମିସ): ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବାଦାନ ପାଇଁ ସମ୍ ଅଲ୍ଟିମେଟ୍ ମେଡିକେୟାର (ସମ୍ପମ୍)ର ଚିଫ୍ ଏକ୍‌ଜିକ୍ୟୁଟିଭ୍ ଅଫିସର ଡ. ଶ୍ୱେତପଦ୍ମା ଦାଶଙ୍କୁ ଉତ୍କଳ ପ୍ରତିଭା ଫାଉଣ୍ଡେସନ୍ ପକ୍ଷରୁ 'ଉତ୍କଳ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଛି। ସ୍ୱାସ୍ଥ୍ୟସେବା ପାଇଁ ଶ୍ୱେତପଦ୍ମାଙ୍କ ଅବଦାନ ଅତୁଳନୀୟ ଉତ୍କଳ ପ୍ରତିଭା ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ତଥା ଓଡିଏମ୍ ଏଜୁକେସ୍‌ନାଲ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ର ସଭାପତି ଡ. ସତ୍ୟବ୍ରତ ମୀନକେତନ କହିଛନ୍ତି।

## ଗ୍ଲୋବାଲ୍ ସ୍ପିରିଚୁଆଲ ମିଶନର ଆଲୋଚନାଚକ୍ର

ଭୁବନେଶ୍ୱର, ୫ା୪(ସମିସ): ଆଧ୍ୟାତ୍ମିକ ଜୀବନଯାପନ ଦ୍ୱାରା ଶାନ୍ତି, ଆନନ୍ଦ ଉପଲବ୍ଧ ହୁଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପ୍ରାକ୍ତନ ଅଧିକାରୀଙ୍କ ଦ୍ୱାରା ଗଠିତ ଗ୍ଲୋବାଲ୍ ସ୍ପିରିଚୁଆଲ ମିଶନର ମାସିକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ପ୍ରଫୁଲ୍ଲ କୁମାର ଦାଶ କହିଥିଲେ। ରାମକୃଷ୍ଣ ଆଶ୍ରମ ସଭାଗୃହରେ ବିଜୟ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପଦେଷ୍ଟା ରମାକାନ୍ତ ମିଶ୍ର ଦୈନିକ ଭାଗବତ ଓ ଗୀତା ପାଠ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭରେ ସମ୍ପାଦକ ପରମେଶ୍ୱର ମିଶ୍ର ସ୍ୱାଗତ ଭାଷଣ ଦେବା ସହ ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ମୁରଲୀଧର ପଲାଇ ଜଗନ୍ନାଥ ସହସ୍ର ନାମ ପାଠ କରିଥିଲେ। ଶେଷରେ ପ୍ରତାପ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଯିବାକୁ ପଡୁନି ଜରାଶ୍ରମ, ଘରେ ମିଳୁଛି ସେବା

ଭୁବନେଶ୍ୱର, ୫ା୪(ସମିସ): ବର୍ତ୍ତମାନ ସମୟରେ ଅଧିକାଂଶ ସହରୀ ପରିବାରର ସାହାରା ପାଲଟିଛନ୍ତି ଘରୋଇ ସହାୟିକା। ବାର୍ଦ୍ଧକ୍ୟଜନିତ ସମସ୍ୟା ହେଉ ବା ରୋଗାକ୍ରାନ୍ତ ବୟସ୍କ ପିତାମାତା, ସେମାନଙ୍କ ସେବାଯତ୍ନ ପାଇଁ ଘରୋଇ ସହାୟିକାଙ୍କ ଆବଶ୍ୟକତା ରହିଛି। ବାର୍ଦ୍ଧକ୍ୟ ସମୟରେ ପାଖରେ ନିଜ ସନ୍ତାନଙ୍କ ବଦଳରେ ଏବେ ସେମାନଙ୍କୁ ହିଁ ଦେଖିବାକୁ ମିଳୁଛି। ଅପରପକ୍ଷରେ ନିଜ ସନ୍ତାନ ପାଇଁ ଆଶ୍ୱସ୍ତିର କାରଣ ମଧ୍ୟ ସେହି ଘରୋଇ ସହାୟିକା। ଘରେ ଘରେ ଘରୋଇ ସହାୟିକାଙ୍କ ସେବାଯତ୍ନ ମିଳିବା ଯୋଗୁଁ ବାର୍ଦ୍ଧକ୍ୟାବସ୍ଥାରେ ପିତାମାତାଙ୍କୁ ଆଉ ଜରାଶ୍ରମ ଯିବାକୁ ପଡୁନି। ଅଧିକାଂଶ ପରିବାରରେ କେହି ନା କେହି ବୟସ୍କ ବ୍ୟକ୍ତି ରୋଗାକ୍ରାନ୍ତ ହୋଇ ଅନ୍ୟମାନଙ୍କ ଉପରେ ନିର୍ଭର କରୁଥିବାବେଳେ ସେମାନେ ସାହାଭରସା ପାଲଟୁଛନ୍ତି।

ପୂର୍ବରୁ ଏଭଳି ସେବା ମେଟ୍ରୋସିଟି ଗୁଡ଼ିକରେ ବଡ଼ବଡ଼ିଆଙ୍କ କ୍ଷେତ୍ରରେ ଦେଖିବାକୁ ମିଳୁଥିଲା। ବିଶେଷ କରି ପରିବାରର ଜଣେ ସଦସ୍ୟଙ୍କ ରୋଜଗାର ଉପରେ ସମସ୍ତେ ନିର୍ଭର କରୁଥିବାରୁ ସହାୟିକାଙ୍କୁ ଦରମା ଦେବା ସମସ୍ତଙ୍କ ପକ୍ଷେ ସମ୍ଭବ ହେଉ ନ ଥିଲା। ଏବେ କିନ୍ତୁ ପରିବାରର ପୁରୁଷମାନଙ୍କ ସହ କାନ୍ଧରେ କାନ୍ଧ ମିଶାଇ ମହିଳାମାନେ ମଧ୍ୟ ଆତ୍ମନିର୍ଭରଶୀଳ ହୋଇ ଆର୍ଥିକ କ୍ଷେତ୍ରରେ ସଶକ୍ତ ହୋଇପାରିଛନ୍ତି। ଫଳରେ ବୃଦ୍ଧ ବୟସରେ ବାପା ମାଆମାନେ କିଭଳି ଅବହେଳିତ ନ ହେବେ ସେଥିପାଇଁ ସହରର ୬୦ ପ୍ରତିଶତ ପରିବାର ଘରୋଇ ସହାୟିକାଙ୍କୁ ଆପଣାଉଥିବା ଦେଖିବାକୁ ମିଳିଛି। ରାଜଧାନୀରେ ପ୍ରାୟ ୩୦ରୁ ଅଧିକ ସଂସ୍ଥା ଏଭଳି ସେବା ଯୋଗାଇ ଦେଉଛନ୍ତି। ବେବି କେୟାର ଠାରୁ ଆରମ୍ଭ କରି ପେସେଣ୍ଟ କେୟାର ପର୍ଯ୍ୟନ୍ତ ସମସ୍ତ ସୁବିଧା ସେହି ସଂସ୍ଥାଗୁଡ଼ିକ ଯୋଗାଇ ଦେଉଛନ୍ତି। ମାସିକ ପାରିଶ୍ରମିକ ବଦଳରେ ସେମାନେ ସକାଳ ଜଳଖିଆ ଠାରୁ ଆରମ୍ଭ କରି ରୋଗୀଙ୍କୁ ଗାଧୋଇ ଦେବା, ଔଷଧ ଖୁଆଇଦେବା, ଲୁଗାପଟା ସଫା କରିବା ଭଳି ସମସ୍ତ ଯତ୍ନ ନେଉଛନ୍ତି। ବିଶେଷକରି ଯେଉଁମାନେ ବିଛଣାରେ ପଡ଼ି ବାର୍ଦ୍ଧକ୍ୟ ଯନ୍ତ୍ରଣା ଭୋଗୁଛନ୍ତି ସେମାନେ ମଳମୂତ୍ର ସଫା କରିବା ଭଳି ସେବା ଶୁଶ୍ରୂଷା ମଧ୍ୟ କରୁଛନ୍ତି। ଫଳରେ ୬୦ ପ୍ରତିଶତ ପରିବାର ଏବେ ଘରୋଇ ସହାୟିକାଙ୍କୁ ଭରସା କରୁଛନ୍ତି। ଏ ନେଇ ରାଜଧାନୀର ଉଗ୍ରତାରା ଘରୋଇ ସହାୟିକା ସଂସ୍ଥାର ମୁଖ୍ୟ ସୁନୀତା ପରିଡ଼ା କହିଛନ୍ତି ଯେ, ଏହି ସଂସ୍ଥା ମୁଁ ୩ବର୍ଷ ହେବ ଆରମ୍ଭ କରିଛି। କାରଣ ମୁଁ ଅନୁଭବ କଲି ଯେ, ବାର୍ଦ୍ଧକ୍ୟ ଅବସ୍ଥାରେ ବାପା ମା'ଙ୍କୁ କେବଳ ସେବାର ଆବଶ୍ୟକତା ରହିଛି।

ଅନେକଙ୍କ କ୍ଷେତ୍ରରେ ପିତା ମାତାଙ୍କୁ ଅବହେଳା ଯୋଗୁଁ ସେମାନେ ଶେଷରେ ବୃଦ୍ଧାଶ୍ରମରେ ଆଶ୍ରୟ ନେଇଥାନ୍ତି। କିନ୍ତୁ ପରିବାର ମଧ୍ୟରେ ରହି କିଭଳି ଉତ୍ତମ ସେବା ପାଇବେ, ଯାହାଦ୍ୱାରା ସେମାନଙ୍କ ମାନସିକ ସ୍ଥିତି ଭଲ ରହିବ ସେଥିପାଇଁ ମୁଁ ଏହି ସଂସ୍ଥା ଆରମ୍ଭ କରିଛି। ଏହାସହ ଗାଁ ଗହଳିରେ ବେକାର ଯୁବକ ଯୁବତୀ, ବିଧବା ମହିଳାମାନେ ରୋଜଗାରକ୍ଷମ ହୋଇପାରିଛନ୍ତି। ସେହିପରି ହିଲ୍ ଓଲ୍ଡ-ଏଜ୍ କେୟାର ସର୍ଭିସ୍ ମୁଖ୍ୟ ଦିଲ୍ଲୀପ କୁମାର ବିଶ୍ୱାଳ କହିଛନ୍ତି ଯେ, ବୃଦ୍ଧା ବୟସରେ ଆବଶ୍ୟକ ସମସ୍ତ ସୁବିଧା ଯୋଗାଇ ଦିଆଯାଉଥିବାରୁ କେବଳ ରାଜଧାନୀରେ ନୁହେଁ ରାଜ୍ୟ ବାହାରେ ମଧ୍ୟ ସେବା ପ୍ରଦାନ କରୁଛୁ। ନର୍ସିଂ, ଫିଜିଓଥେରାପି ସେବା ମଧ୍ୟ ଯୋଗାଇ ଦେଉଥିବା ସେ କହିଛନ୍ତି।





■ ହାଇକୋର୍ଟରେ ଜେଲ୍ ସଂସ୍କାର ମାମଲା

# ଜାମିନ ସତ୍ତ୍ୱେ ବିଚାରାଧୀନ ବନ୍ଦୀ ମୁକୁଳି ନ ପାରିବା ପ୍ରସଂଗରେ ରିପୋର୍ଟ ତଲବ

କଟକ, ୫।୪ (ସମିସ): ଜେଲ ସଂସ୍କାର ପ୍ରସଙ୍ଗରେ ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରିଆସୁଛନ୍ତି। ବିଶେଷକରି ଜେଲଗୁଡ଼ିକରେ ଧାର୍ଯ୍ୟ କ୍ଷମତାଠାରୁ ଅଧିକ ସଂଖ୍ୟାରେ କଏଦୀ ରହୁଥିବା ନେଇ ଆମିକସକ୍ୟୁରୀଙ୍କ ପକ୍ଷରୁ ଦର୍ଶାଯାଇଥିଲା। ଜାମିନ ମିଳିବା ସତ୍ତ୍ୱେ ଜାମିନ ବଣ୍ଡ ପ୍ରଦାନରେ ଅବହେଳା କାରଣରୁ ବହୁ ବିଚାରାଧୀନ ବନ୍ଦୀ ଜେଲରୁ ମୁକୁଳି ପାରୁନଥିବା କୁହାଯାଇଥିଲା। ହାଇକୋର୍ଟ ଏହି ପ୍ରସଂଗରେ ରାଜ୍ୟ ଆଇନ ସେବା ପ୍ରାଧିକରଣକୁ ରିପୋର୍ଟ ତଲବ କରିଛନ୍ତି। ଅଦ୍ୟାବଧି କେତେ ମାମଲାରେ କେତେଜଣ ବିଚାରାଧୀନ ବନ୍ଦୀଙ୍କୁ ଜାମିନ ମିଳିଥିବା ସତ୍ତ୍ୱେ କେଉଁ କାରଣରୁ ମୁକୁଳି ପାରିନାହାନ୍ତି, ସେ ସମ୍ପର୍କରେ ତଥ୍ୟ ପ୍ରଦାନ ପାଇଁ ହାଇକୋର୍ଟ କହିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି।

ବିଭିନ୍ନ ଜେଲ ପରିଦର୍ଶନ କରି ସମ୍ପୃକ୍ତ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବମାନେ ପ୍ରଦାନ କରିଥିବା ରିପୋର୍ଟ ଅନୁସାରେ ଗତ ଡିସେମ୍ବର ସୁଦ୍ଧା ମୋଟ ୧୫୫ ବିଚାରାଧୀନ ବନ୍ଦୀଙ୍କୁ ଜାମିନ ମିଳିଥିବା ବେଳେ ୧୨୨ଜଣ ଜେଲରୁ ମୁକୁଳିଛନ୍ତି। ବାକି ୩୩ ଜଣ ଜାମିନ ବଣ୍ଡ ମିଳି ନଥିବା ଓ ଅନ୍ୟାନ୍ୟ କାରଣରୁ ମୁକୁଳି ପାରିନଥିବା ନେଇ ହାଇକୋର୍ଟଙ୍କୁ ରାଜ୍ୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଅବଗତ କରାଯାଇଥିଲା। ଜେଲରେ ଅନ୍ତେବାସୀଙ୍କୁ ଶ୍ରମ ଅନୁସାରେ ପୃଷ୍ଟିକର ଖାଦ୍ୟ ଯୋଗାଣ କରାଯିବା ପାଇଁ ପଦକ୍ଷେପ ନିଆଯାଉଛି ଓ ଲେବରିଂ ଡାଏଟ ଲାଗୁ ହେଲେ ଶ୍ରମ କାର୍ଯ୍ୟ କରୁଥିବା ଅନ୍ତେବାସୀଙ୍କୁ ଅଧିକ ପୃଷ୍ଟିକର ଖାଦ୍ୟ ଦିଆଯିବ ବୋଲି ପୂର୍ବରୁ ସରକାର ସତ୍ୟପାଠ ଦେଇଥିଲେ। ବିଭିନ୍ନ ଜେଲ ପ୍ରକଳ୍ପଗୁଡ଼ିକ ୩୬ ମାସ ମଧ୍ୟରେ ସରିବ ବୋଲି କୁହାଯାଇଥିଲା। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଏପ୍ରିଲ୧୨କୁ ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି।

## ଦେବଗଡ଼ରେ ବିଜେଡିର ମହାମିଶ୍ରଣ ପର୍ବ

# ପ୍ରଣବଙ୍କୁ ବିଜୟ ଆଶୀର୍ବାଦ





ଦେବଗଡ଼, ୫।୪ (ସମିସ): ସମ୍ବଲପୁର ଲୋକସଭା ଆସନ ପାଇଁ ବିଜୁ ଜନତା ଦଳର ପ୍ରାର୍ଥୀ ଭାବେ ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ନାମ ଘୋଷଣା ପରେ ଶୁକ୍ରବାର ପ୍ରଥମ ଥର ପାଇଁ ଶ୍ରୀ ଦାସ ଦେବଗଡ଼ ବିଧାନସଭା ମଣ୍ଡଳୀ ଗସ୍ତ କରିଛନ୍ତି। ଏହି ଅବସରରେ ଜିଲ୍ଲାର ସମସ୍ତ ତିନୋଟି ବ୍ଲକ ଓ ୭୦ ପଞ୍ଚାୟତରୁ ଦଳୀୟ କର୍ମୀ ଶ୍ରୀ ଦାସଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ଦଳୀୟ ସମର୍ଥକମାନେ ଏକ ବିଶାଳ ବାଇକ୍ ଶୋଭାଯାତ୍ରାରେ ସଭାସ୍ଥଳକୁ ପାଛୋଟି ଆଣିଥିଲେ। ସାଧାରଣ ସଭା ପୂର୍ବରୁ ଦେବଗଡ଼ର ଆରାଧ୍ୟ ଦେବୀ ମା' ପ୍ରଧାନପାଟେଶ୍ୱରୀଙ୍କ ଆଶୀର୍ବାଦ ନେଇ ସାଧାରଣ ସଭାରେ ସେ ସମ୍ବୋଧିତ କରିଥିଲେ। ଏହି ଅବସରରେ କୌଣସି ଦଳ କିମ୍ବା ନେତାଙ୍କ ନାମ ନ ନେଇ କହିଥିଲେ ଯେ ଜାତୀୟ ଦଳ ଓଡ଼ିଶାକୁ ବିନ୍ଦୁ ଭାବେ ଦେଖୁଥିବା ବେଳେ ବିଜୁ ଜନତା ଦଳ ଓଡ଼ିଶାକୁ ସିନ୍ଧୁ ଭାବେ ଗ୍ରହଣ କରିଛି। ରାଜ୍ୟବାସୀଙ୍କ ପ୍ରତ୍ୟେକଟି ସୁଖଦୁଃଖର ସାଥୀ ମୁଖ୍ୟମନ୍ତ୍ରୀଙ୍କ ଜନକଲ୍ୟାଣ ଯୋଜନାରେ ଉପକୃତ ସାଢ଼େ ୪କୋଟି ଓଡ଼ିଆ ବିଜୁ ଜନତା ଦଳର ପରିବାର ବୋଲି ସେ ଅଭିହିତ କରିଥିଲେ। ସେହିପରି ଯିଏ ରାଜ୍ୟବାସୀଙ୍କୁ ପ୍ରତାରଣା କରି କ୍ଷମତା ଉପଭୋଗ କରିଆସୁଛି, ଆଗାମୀ ନିର୍ବାଚନରେ ଜନସାଧାରଣ ଏହାର ଦୃଢ଼ ଜବାବ ଦେବେ ବୋଲି ସେ କହିଥିଲେ।

ଏହି ଅବସରରେ ଆୟୋଜିତ ଏକ ବିରାଟ ମିଶ୍ରଣ ପର୍ବରେ ଗତ ନିର୍ବାଚନରେ ଦେବଗଡ଼ ବିଧାନସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ଥିବା ଉମାଶଙ୍କର ସାହୁଙ୍କ ସମେତ ତାଙ୍କ ଶତାଧିକ ସମର୍ଥକଙ୍କୁ ପ୍ରଣବ ପ୍ରକାଶ ମଞ୍ଚକୁ ପାଛୋଟି ନେଇ ବିଜୁ ଜନତା ଦଳରେ ସାମିଲ କରାଇଥିଲେ। ସଭା ପରେ ପରେ ପ୍ରଣବ ଉପସ୍ଥିତ ହଜାର ହଜାର ଜନସାଧାରଣଙ୍କ ଗହଳିରେ ଯାଇ ପ୍ରବଳ ଖରାରେ ତାଙ୍କୁ ଅପେକ୍ଷା କରିଥିବା ମା'ମାନଙ୍କ ନିକଟରେ ପହଞ୍ଚିଥିଲେ। ମା'ମାନେ ପ୍ରଣବଙ୍କ ମୁଣ୍ଡରେ ହାତ ରଖି ବିଜୟର ଆଶୀର୍ବାଦ ଦେବା ସହ ପୁଷ୍ପ ସିଞ୍ଚନ କରି କରିଥିଲେ। କାର୍ଯ୍ୟକ୍ରମରେ ବିଜେଡି ଜିଲ୍ଲା ପର୍ଯ୍ୟବେକ୍ଷକ ଗୌତମବୁଦ୍ଧ ଦାସ, ଜିଲ୍ଲା ସଭାପତି ଚିତ୍ତରଞ୍ଜନ ପ୍ରଧାନ, ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ, ପୌରାଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ରାଜକିଶୋର ଦାସ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର, ଜିଲ୍ଲା ପରିଷଦ ସଦସ୍ୟା ପୁଷ୍ପାଞ୍ଜଳି ସାମଲ, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ଉମାଶଙ୍କର ସାହୁ, ପବନୀ ସାହୁ, ବିଜୁ ଯୁବ ଜନତା ଦଳ ସଭାପତି ପ୍ରତାପ ଦେବ, ଭୂପେନ୍ଦ୍ର ପ୍ରସାଦ ନାୟକଙ୍କ ସମେତ ସମସ୍ତ ତିନୋଟି ବ୍ଲକ ସଭାପତିଙ୍କ ସମେତ ବହୁ ଦଳୀୟ ପଦାଧିକାରୀ ମଞ୍ଚାସୀନ ରହିଥିଲେ।

## ଜିରାଳ ହାଟରେ ଗୁଳି ଓ ବୋମାମାଡ଼

# ଗୋରୁ ବ୍ୟବସାୟୀଙ୍କଠାରୁ ୧୪ ଲକ୍ଷ ଲୁଟିନେଲେ

କାମାକ୍ଷାନଗର, ୫।୪ (ସମିସ): ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ବ୍ଲକ ଜିରାଳ ସାପ୍ତାହିକ ହାଟରେ କେତେକ ଲୁଟେରା ଘନଘନ ବୋମାମାଡ଼ ଏବଂ ଗୁଳିମାଡ଼ କରି ଗୋରୁ ବ୍ୟବସାୟୀଙ୍କଠାରୁ ନଗଦ ୧୪ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଜିରାଳ ସାପ୍ତାହିକ ହାଟରେ ପ୍ରତି ହାଟପାଳି ଭଳି ଆଜି ମଧ୍ୟ ଗୋରୁ ବ୍ୟବସାୟୀ ଏବଂ ଚାଷୀମାନଙ୍କର ଭିଡ଼ ଲାଗି ରହିଥିଲା। ହାଟ ଆରମ୍ଭ ହେବା ପୂର୍ବରୁ ହଠାତ୍ ଏଭଳି ଅଭାବନୀୟ କାଣ୍ଡ ଘଟିଥିଲା। ହାଟରେ କ୍ରେତା ଏବଂ ବିକ୍ରେତାମାନେ ବୋମା ଓ ଗୁଳିମାଡ଼ ଶୁଣି ଜୀବନ ବିକଳରେ ଦୌଡ଼ି ପଳାଇଥିଲେ। ହାଟ ଚାଲିଥିବା ବେଳେ ୫ ଜଣ ଦୁର୍ବୃତ୍ତ ୩ଟି ମୋଟର ସାଇକଲରେ ଆସି ହାଟରେ ପହଞ୍ଚିଥିଲେ। କେହି କିଛି ବୁଝିବା ପୂର୍ବରୁ ଦୁର୍ବୃତ୍ତମାନେ ମୁହଁରେ କଳା କପଡ଼ା ବାନ୍ଧି ଗୋରୁ ବେପାରୀଙ୍କ ଉପରେ ଅତର୍କିତ ଭାବରେ ୨ ରାଉଣ୍ଡ ଗୁଳି ଓ ବୋମାମାଡ଼ କରିଥିଲେ। ଏକ ବୋଲେରୋ ସହିତ ୧୪ ଲକ୍ଷ ଟଙ୍କା ସେମାନଙ୍କଠାରୁ ଲୁଟିନେଇ ବୋଲେରୋ ସହିତ ଫେରାର ହୋଇଯାଇଥିଲେ। ଜିରାଳ ସାପ୍ତାହିକ ହାଟକୁ ଗୋରୁ କିଣିବା ପାଇଁ ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ଥାନା ଅଞ୍ଚଳରୁ ୫ ଜଣ ବ୍ୟବସାୟୀ ଏକ ବୋଲେରୋ ଯୋଗେ ଆସିଥିଲେ। ଖବର ପାଇ ଘଟଣାସ୍ଥଳରେ କାମାକ୍ଷାନଗର ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମଧ୍ୟାହ୍ନରେ ବୋଲେରୋଟିକୁ ପୁଲିସ ଢେଙ୍କାନାଳ ସଦର ଥାନା ଝାରଗାଡ଼ିଆ ଫାଣ୍ଡି ବଉଳପୁର ଅଞ୍ଚଳରୁ ଠାବ କରିଥିବା ବେଳେ କୌଣସି ଅପରାଧୀଙ୍କ ସୁରାକ ପାଇପାରିନାହିଁ।

## ଖରା ପାଇଁ ତତ୍ପର ହେଲା ଶ୍ରମ ବିଭାଗ

# ଦିନ ୧୧ରୁ ସାଢ଼େ ୩ ପର୍ଯ୍ୟନ୍ତ ଶ୍ରମିକଙ୍କୁ କାମ ମନା

**ନିର୍ଦ୍ଦେଶ ପାଳନ ପାଇଁ ଆର୍‌ଡିସି, ଜିଲ୍ଲାପାଳ ଓ ଶ୍ରମ କମିସନରଙ୍କ ଚିଠି**

ଭୁବନେଶ୍ୱର, ୫।୪ (ସମିସ): ରାଜ୍ୟରେ ପ୍ରଚଣ୍ଡ ରୌଦ୍ରତାପକୁ ଦୃଷ୍ଟିରେ ରଖି ଶ୍ରମିକଙ୍କ ପାଇଁ କାର୍ଯ୍ୟ ସମୟ ନିର୍ଘଣ୍ଟ କରିଛି ଶ୍ରମ ବିଭାଗ। ଏପ୍ରିଲ, ମେ' ଓ ଜୁନ୍ ୩ ମାସ ଅସହ୍ୟ ଗରମ ଓ ଗୁଳୁଗୁଳି ଅନୁଭୂତ ହେବ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ଶ୍ରମ ଓ କର୍ମଚାରୀ ବୀମା ବିଭାଗ ପକ୍ଷରୁ ଦିନ ୧୧ଟାରୁ ସାଢ଼େ ୩ଟା ଯାଏଁ ଶ୍ରମିକଙ୍କୁ କାମ କରିବା ପାଇଁ ବାରଣ କରାଯାଇଛି। ପାଣିପାଗ ବିଭାଗର ସୂଚନା ଅନୁସାରେ ଚଳିତ ବର୍ଷ ଏପ୍ରିଲରେ ରୌଦ୍ରତାପ ବୃଦ୍ଧି ପାଇଥିବାରୁ ଅଂଶୁଘାତ ଆଶଙ୍କାକୁ ଏଡ଼ାଇବା ପାଇଁ ବିଭାଗ ଏଭଳି ପଦକ୍ଷେପ ନେଇଛି। ଏଥିପାଇଁ ଶ୍ରମିକଙ୍କୁ ଚଳିତ ଏପ୍ରିଲରୁ ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ପୂର୍ବାହ୍ଣ ୧୧ଟାରୁ ଓ ଅପରାହ୍ଣ ୩.୩୦ ମଧ୍ୟରେ କାମ ନ କରିବା ପାଇଁ ବିଭାଗ ନିର୍ଦ୍ଦେଶନାମା ଜାରି କରିଛି। ସମସ୍ତ ରାଜସ୍ୱ କମିସନର୍ ଓ ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଓ ରାଜ୍ୟ ଶ୍ରମ କମିସନର୍‌ଙ୍କୁ ଏ ସଂପର୍କିତ ଆବଶ୍ୟକ ନିର୍ଦ୍ଦେଶନାମା ଜାରି କରାଯାଇଛି। ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ତଥା ଓଡ଼ିଶାରେ ଥିବା ଭାରତ ସରକାରଙ୍କର ସମସ୍ତ ବିଭାଗ, ବେସରକାରୀ ନିଯୁକ୍ତିଦାତା, ସମସ୍ତ ବାଣିଜ୍ୟ ଓ ଶିଳ୍ପ ସଂସ୍ଥା, ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନର ମାଲିକ ଏବଂ ଠିକାଦାରମାନଙ୍କୁ ବିଭାଗ ପକ୍ଷରୁ ଏହି ନିୟମ କାର୍ଯ୍ୟକାରୀ କରିବାକୁ ଅନୁରୋଧ କରାଯାଇଛି।

# ପର୍ଯ୍ୟାପ୍ତ ଜଳଛତ୍ର ଖୋଲିବାକୁ ୫ ମହାନଗର ନିଗମକୁ ଚିଠି

ଭୁବନେଶ୍ୱର, ୫।୪ (ସମିସ): ଗ୍ରୀଷ୍ମ ମୁକାବିଲା ପାଇଁ ରାଜ୍ୟର ୫ ମହାନଗର ନିଗମ କମିସନରଙ୍କୁ ପାଇଁ ଏଆର୍‌ସିଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଅତିରିକ୍ତ ଏସ୍‌ଆରସି ପଦ୍ମନାଭ ବେହେରା ଏନେଇ ୫ ମହାନଗର ନିଗମର କମିସନରଙ୍କୁ ଚିଠି ଲେଖି ଅବଗତ କରାଇବା ସହ ମୁଖ୍ୟତଃ ପାନୀୟ ଜଳ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବାକୁ କହିଛନ୍ତି। ଅତିରିକ୍ତ ଏସ୍‌ଆରସି ନିଜ ଚିଠିରେ ଦର୍ଶାଇଛନ୍ତି ଯେ କିଛି ସହରାଞ୍ଚଳରେ ଛକଗୁଡ଼ିକରେ ଯାତ୍ରୀଙ୍କ ପାଇଁ ପ୍ରତୀକ୍ଷାଳୟ ଓ ପାନୀୟ ଜଳର ବ୍ୟବସ୍ଥା ହୋଇ ନଥିବା ନେଇ ଘଟଣା ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମ ଜରିଆରେ ନଜରକୁ ଆସୁଛି। ଏହାଦ୍ୱାରା ଅଂଶୁଘାତ ଜନିତ ଆଶଙ୍କା ରହୁଛି। ତେଣୁ ଅଧିକ ଲୋକ ରୁଣ୍ଡ ହେଉଥିବା ସ୍ଥାନ କିମ୍ବା ଛକଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣରେ ଜଳଛତ୍ର ଖୋଲିବା ପାଇଁ ଅତିରିକ୍ତ ଏସ୍‌ଆରସି କମିସନରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

■ ବରୁହାଁ-ବରୀ ରାସ୍ତାରେ ମର୍ମନ୍ତୁଦ ଦୁର୍ଘଟଣା

# ଗାଡ଼ି ଧକ୍କାରେ ବାପ-ପୁଅ ମୃତ

ଯାଜପୁର ଟାଉନ, ୫।୪(ସମିସ): ଯାଜପୁର ସଦର ଥାନା ବରୁହାଁ-ବରୀ ରାସ୍ତାର ଧବଳେଶ୍ୱର ମନ୍ଦିର ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ବାପ-ପୁଅଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ସ୍ଥାନୀୟ ସିମିଳିଆ ପଞ୍ଚାୟତ ସଠିଆଟିକିରି ଗାଁର ସଇଁନ୍ଦା ଜେନା (୫୦) ଓ ପୁଅ ମୁନା (୨୯)। ସୂଚନା ମୁତାବକ, ମୃତ ବାପ-ପୁଅ କୌଣସି ଏକ କାମରେ ଯାଇ ସୁଜନପୁରରୁ ଘରକୁ ଫେରୁଥିବା ସମୟରେ ବରୁଆଁରୁ ବରୀ ଆଡ଼କୁ ଦ୍ରୁତ ଗତିରେ ଯାଉଥିବା ଏକ ଟ୍ରକ୍ ସେମାନଙ୍କ ବାଇକ୍‌କୁ ସାମନା ପଟୁ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ସଇଁନ୍ଦାଙ୍କ ମୃତ୍ୟୁ ହୋଇଥିଲା। ଗୁରୁତର ଅବସ୍ଥାରେ ମୁନାଙ୍କୁ ଚିକିତ୍ସା ପାଇଁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## କୋଇଲା ଦୁର୍ନୀତି ମାମଲାରେ ଦିଲୀପ ରାୟଙ୍କ ଚାଲେଞ୍ଜ ପିଟିସନ୍

# ଦିଲ୍ଲୀ ହାଇକୋର୍ଟରେ ଶୁଣାଣି ଶେଷ; ରାୟ ସଂରକ୍ଷିତ

ରାଉରକେଲା, ୫।୪ (ସମିସ): କୋଇଲା ଦୁର୍ନୀତି ମାମଲାରେ ସ୍ୱତନ୍ତ୍ର ସିବିଆଇ କୋର୍ଟଙ୍କ ରାୟକୁ ଚାଲେଞ୍ଜ କରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟ ଦିଲ୍ଲୀ ହାଇକୋର୍ଟରେ ଦାଏର କରିଥିବା ମାମଲାର ଶୁକ୍ରବାର ଶୁଣାଣି ଶେଷ ହୋଇଛି। କୋର୍ଟ ରାୟ ସଂରକ୍ଷିତ ରଖିଛନ୍ତି। ଆସନ୍ତା ୮ ତାରିଖ ଚୂଡ଼ାନ୍ତ ରାୟ ପ୍ରକାଶ ପାଇବ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ, ୧୯୯୯ ମସିହା ଝାଡ଼ଖଣ୍ଡ କୋଇଲା ବ୍ଲକ ଆବଣ୍ଟନ ଅନିୟମିତତା ମାମଲାରେ ସିବିଆଇ କୋର୍ଟ ଦିଲୀପଙ୍କୁ ୩ ବର୍ଷ ଜେଲ୍ ଦଣ୍ଡ ସହ ୧୦ ଲକ୍ଷ ଟଙ୍କା ଜରିମାନା କରିଛନ୍ତି। ଏହି କାରଣରୁ ସେ ନିର୍ବାଚନ ଲଢ଼ିପାରିବେ ନାହିଁ। ତେବେ ଦିଲୀପ ଓଡ଼ିଶା ବିଧାନସଭା ନିର୍ବାଚନରେ ପ୍ରାର୍ଥୀ ହେବାକୁ ଚାହୁଁଥିବା ବେଳେ ସିବିଆଇ କୋର୍ଟ ପକ୍ଷରୁ ଦିଆଯାଇଥିବା ଦଣ୍ଡ ଉପରେ ରୋକ ଲଗାଇବା ପାଇଁ ଦିଲୀପ ଦିଲ୍ଲୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ବିଚାରପତି ସ୍ୱର୍ଣ୍ଣକାନ୍ତା ଶର୍ମା ମାମଲାରେ ସିବିଆଇ ଏବଂ ଦିଲୀପଙ୍କ ପକ୍ଷ ଶୁଣିବା ପରେ ତାଙ୍କ ରାୟକୁ ସଂରକ୍ଷିତ ରଖିଛନ୍ତି। ଅଟଳ ବିହାରୀ ବାଜପେୟୀ ସରକାରରେ ଦିଲୀପ କୋଇଲା ମନ୍ତ୍ରୀ ଥିବା ବେଳେ ତାଙ୍କ ବିରୋଧରେ ଏହି ଦୁର୍ନୀତି ଅଭିଯୋଗ ହୋଇଥିଲା।



୮ରେ ଚୂଡ଼ାନ୍ତ ରାୟ

ଦିଲୀପ ୨୦୨୪ ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଚାହୁଁଛନ୍ତି। ତେବେ କୋଇଲା ଦୁର୍ନୀତି ମାମଲାରେ ସେ ଦୋଷୀ ସାବ୍ୟସ୍ତ ହୋଇ ଦଣ୍ଡିତ ହୋଇଥିବାରୁ ଆଇନ ଅନୁଯାୟୀ ସେ ପ୍ରାର୍ଥୀ ହୋଇପାରିବେ ନାହିଁ। ଏହି ମାମଲାରେ ସିବିଆଇ କୋର୍ଟଙ୍କ ରାୟ ଉପରେ ରହିତାଦେଶ ଦେବାକୁ ଦିଲୀପ ଦିଲ୍ଲୀ ହାଇକୋର୍ଟରେ ପିଟିସନ ଦାୟର କରିଥିଲେ। ସୁନ୍ଦରଗଡ଼ ତଥା ରାଉରକେଲାବାସୀଙ୍କ ସେବା କରିବା ପାଇଁ ଏହା ସୁଯୋଗ ବୋଲି ସେ ପିଟିସିନରେ ଦର୍ଶାଇଥିଲେ। ମାତ୍ର ସିବିଆଇ ପକ୍ଷରୁ ବରିଷ୍ଠ ଆଇନଜୀବୀ ଆରଏସ୍ ଚିମା ଏବଂ ଆଇନଜୀବୀ ତାରନମ୍ ଖେମା ଏହି ପିଟିସନକୁ ବିରୋଧ କରି ଦୁର୍ନୀତିର ପରିମାଣକୁ ଦୃଷ୍ଟିରେ ରଖି ଯୁକ୍ତି ବାଢ଼ିଥିଲେ। ଯେହେତୁ ଏହା କୋଇଲା ବ୍ଲକ ଆବଣ୍ଟନ ମାମଲା, ଏଥିରେ ରହିତାଦେଶ ଦିଆଯିବା ଅନୁଚିତ। ତେଣୁ ଆବେଦନକାରୀ ଆଶ୍ୱସ୍ତି ପାଇବାକୁ ହକଦାର ନୁହନ୍ତି ବୋଲି ଅଦାଲତରେ ଦୃଢ଼ ଯୁକ୍ତି ବାଢ଼ିଥିଲେ।

ସୂଚନାଯୋଗ୍ୟ, ଏହି ମାମଲାରେ ସିବିଆଇ କୋର୍ଟ ଦିଲୀପ ରାୟଙ୍କ ସମେତ କୋଇଲା ମନ୍ତ୍ରାଳୟର ଦୁଇ ତତ୍କାଳୀନ ବରିଷ୍ଠ ଅଧିକାରୀ ପ୍ରଦୀପ କୁମାର ବାନାର୍ଜୀ ଓ ନିତ୍ୟାନନ୍ଦ ଗୌତମ, କାଷ୍ଟ୍ରନ୍ ଟେକ୍ନୋଲୋଜି ଲିମିଟେଡର ନିର୍ଦ୍ଦେଶକ ମହେନ୍ଦ୍ର କୁମାର ଅଗ୍ରୱାଲଙ୍କୁ ମଧ୍ୟ ଦୋଷୀ ସାବ୍ୟସ୍ତ କରିଛନ୍ତି। ମହେନ୍ଦ୍ର କୁମାର ଅଗ୍ରୱାଲଙ୍କ ମାଲିକାନାରେ ଥିବା ଦୁଇ କମ୍ପାନୀ ସିଟିଏଲ୍ ଓ ସିଏମଏଲକୁ କୋର୍ଟ ଯଥାକ୍ରମେ ୬୦ ଲକ୍ଷ ଓ ୧୦ ଲକ୍ଷ ଟଙ୍କା ଜରିମାନା କରିଛନ୍ତି।

■ ତ୍ୱରିତ ସିଇ ରିପୋର୍ଟ ଦାଖଲ ଉପରେ ଗୁରୁତ୍ୱାରୋପ

# ହାଇକୋର୍ଟରେ ହାଜର ହେଲେ ଆରଏଫଏସଏଲ ଉପନିର୍ଦ୍ଦେଶକ

କଟକ, ୫।୪ (ସମିସ): ବିଭିନ୍ନ ଘଟଣାରେ ଜବତ ନିଶାଦ୍ରବ୍ୟର କେମିକାଲ ଏକଜାମିନେସନ୍(ସିଇ) ରିପୋର୍ଟକୁ ଫୋରେନସିକ ଲାବୋରାଟୋରି ଦ୍ୱାରା ଦାଖଲ କରାଯାଉ ନଥିବାରୁ ନିମ୍ନ ଅଦାଲତରେ ମାମଲା ଶୁଣାଣି ବିଳମ୍ବ ହେଉଥିବା ପ୍ରସଂଗକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରିଛନ୍ତି। ଏଣୁ ଯଥାଶୀଘ୍ର ସିଇ ରିପୋର୍ଟ ଦାଖଲ ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଆଜି ବ୍ରହ୍ମପୁରସ୍ଥିତ ଆଞ୍ଚଳିକ ଫୋରେନ୍ସିକ ସାଇନ୍ସ ଲାବୋରେଟୋରି (ଆରଏଫଏସଏଲ) ଉପନିର୍ଦ୍ଦେଶକ ଜେ.ଦେହୁରୀ ଓ ସୁନାବେଡ଼ା ଥାନା ଆଇଆଇସି ଏସ.ଏନ.ପାତ୍ର ଭର୍ଚୁଆଲରେ ହାଇକୋର୍ଟରେ ହାଜର ହୋଇଥିଲେ। ସିଇ ରିପୋର୍ଟ ଦାଖଲ ହୋଇ ନଥିବାରୁ ୨୦୨୧ର ଏକ ମାମଲାରେ ଚାର୍ଜଫ୍ରେମ ହୋଇ ପାରିନଥିବା ଅଭିଯୋଗ ହୋଇଥିଲା ବେଳେ ଏହି ପ୍ରସଂଗରେ ଉପନିର୍ଦ୍ଦେଶକ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ରିପୋର୍ଟ ଥାନାରେ ରହି ଯାଇଥିଲା ଓ ଗତ ଏପ୍ରିଲ ୨ ତାରିଖରେ ଅଦାଲତରେ ଦାଖଲ କରାଯାଇଛି ବୋଲି ସୁନାବେଡା ଥାନା ଆଇଆଇସି ଅବଗତ କରିଥିଲେ।

## କ୍ରିପ୍ଟୋ ବାଲଟ୍ ଆଳରେ ଦେଶରୁ ୧୦୦ କୋଟି ଠକେଇ

# ବିନୋଦ ଖୁଟେର ୨୪.୪୧ କୋଟିର ସମ୍ପତ୍ତି ଆଟାଚ୍

ଭୁବନେଶ୍ୱର, ୫।୪(ସମିସ): କ୍ରିପ୍ଟୋ ବାଲଟ୍ ଆଳରେ ଦେଶରୁ ୧୦୦ କୋଟିରୁ ଠକେଇ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡ଼ି) ସଂସ୍ଥାର ସ୍ଥାବର ଏବଂ ଅସ୍ଥାବର ସଂପତ୍ତିକୁ ମିଶାଇ ମୋଟ ୨୪.୪୧କୋଟି ଟଙ୍କାର ସମ୍ପତ୍ତି ଆଟାଚ କରିଛି। ଏହି ସମ୍ପତ୍ତି ଅଭିଯୁକ୍ତ ବିନୋଦ ଖୁଟେଙ୍କର ବୋଲି ଜଣାପଡ଼ିଛି। ପୁଣେରେ ଥିବା ତାଙ୍କର ଭିଆଇପିଏସ୍ ଗ୍ରୁପ୍ ନାମରେ ଏହି ସମ୍ପତ୍ତି ଥିବା ଜଣାପଡ଼ିଛି। ଆଟାଚ୍ ସମ୍ପତ୍ତି ମଧ୍ୟରେ ୫୮ଟି ବ୍ୟାଙ୍କ୍ ଆକାଉଣ୍ଟରେ ୨୧.୨୭ କୋଟି ଟଙ୍କା ଏବଂ ଜମା ରାଶି ୩.୧୪ କୋଟି ଟଙ୍କା ରହିଛି। ଏହି ଠକ ସଂସ୍ଥା ପୁଣେ ଏବଂ ଦେଶର ବିଭିନ୍ନ ରାଜ୍ୟରୁ ଠକେଇ କରିଥିଲେ। ପ୍ରଥମେ ଏନେଇ ଭାରତୀ ବିଦ୍ୟାପୀଠ ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ସଂସ୍ଥାର ମୁଖ୍ୟ ବିନୋଦ ତୁକାରାମ, ସନ୍ତୋଷ ଖୁଟେ, ମଙ୍ଗେସ୍ ଖୁଟେଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ସେମାନେ ଅପରାଧିକ ଷଡ଼ଯନ୍ତ୍ର କରି ଲୋକଙ୍କୁ ବିଭିନ୍ନ ଲୋଭ ଦେଖାଇ ଅର୍ଥ ଲୁଟିଥିଲେ। ଅଧିକ ସୁଧ ଦେବାକୁ କହିବା ସହ କ୍ରିପ୍ଟୋରେ ଟଙ୍କା ଲଗାଇ ଦୁଇ ଗୁଣା ଟଙ୍କା ରୋଜଗାର କରିବାର ଲୋଭ ଦେଖାଇଥିଲେ। ଏହିଭଳି ସେମାନେ ଦେଶରୁ ୧୦୦ କୋଟି ଟଙ୍କାର ଠକେଇ କରିଥିଲେ। ଇଡି ତଦନ୍ତ ପରେ ଜାଣିବାକୁ ପାଇଥିଲା ଯେ ଏହି ସଂସ୍ଥାର ମୁଖ୍ୟ ବିନୋଦ ଠକେଇ କରି ଦୁବାଇ ଫେରାର ହୋଇଯାଇଛନ୍ତି। ବିନୋଦ ବିଭିନ୍ନ ପ୍ରକାର ଟ୍ରେଡ୍ ମାଧ୍ୟମରେ ଲୋକଙ୍କୁ ଚୂନ ଲଗାଇଛି। ସେ ଏକାଧିକ କମ୍ପାନୀ ନାମରେ ଡମି ବ୍ୟାଙ୍କ୍ ଆକାଉଣ୍ଟ ଖୋଲି ଉକ୍ତ ଆକାଉଣ୍ଟକୁ ଠକେଇ ଟଙ୍କା ରଖିଥିଲେ। ଏହି ସବୁ ଆକାଉଣ୍ଟରୁ ଟଙ୍କା ଦୁବାଇର ଏକାଧିକ ଆକାଉଣ୍ଟକୁ ଟ୍ରାଞ୍ଜାକ୍‌ସନ ହୋଇଛି।

# ଭାଲୁ ଆକ୍ରମଣରେ ଜଣେ ଗୁରୁତର

ନୂଆପଡ଼ା, ୫।୪ (ସମିସ): ନୂଆପଡ଼ା ଜିଲ୍ଲା ଟୁଲାଭାଟ ଗାଁରେ ଭାଲୁ ଆକ୍ରମଣରେ ଜଣେ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଟୁଲାଭାଟ ଗାଁର କଠା ବାଇ ରାଉତ(୫୫)। ଶୁକ୍ରବାର ସକାଳେ ସେ ମହୁଲ ଗୋଟେଇବାକୁ ଯାଇଥିବା ବେଳେ ଭାଲୁ



ଆକ୍ରମଣର ଶିକାର ହୋଇଥିଲେ। ପରେ ଗାଁ ଲୋକେ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ରହିଥିବା ଜଣାପଡ଼ିଛି। ବୃଦ୍ଧାଙ୍କ ପରିବାରକୁ ବନ୍ୟପ୍ରାଣୀ ବିଭାଗ ତରଫରୁ ସହାୟତା ରାଶି ଯୋଗାଇ ଦେବାକୁ ଦାବି ହୋଇଛି।

# ଧାତବ ବିଦ୍ୟାର ପ୍ରସାର ପାଇଁ ଆଇଆଇଏମ୍ ପକ୍ଷରୁ ୨୦ ଲକ୍ଷ ଟଙ୍କା ଅନୁଦାନ



ଭୁବନେଶ୍ୱର, ୫।୪ (ସମିସ): ଓଡ଼ିଶାର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଧାତୁ ବିଦ୍ୟାର ପ୍ରଚାର ପ୍ରସାର ଲକ୍ଷ୍ୟରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଟାଲ୍ସ (ଆଇଆଇଏମ୍) ପକ୍ଷରୁ ଆଇଆଇଏମ୍, ଭୁବନେଶ୍ୱର ଚାପ୍ଟରକୁ ୨୦ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରାଯାଇଛି। ଭୁବନେଶ୍ୱରରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇଆଇଏମ୍-ଏଟିଏମ୍ ୨୦୨୩ କମିଟି ଆବାହକ ତଥା ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍‌ର ଉପଦେଷ୍ଟା ବିଭୁ ମିଶ୍ର ୨୦ ଲକ୍ଷ ଟଙ୍କାର ଚେକ୍ ଆଇଆଇଏମ୍, ଭୁବନେଶ୍ୱର ଚାପ୍ଟର ଅଧ୍ୟକ୍ଷ ତଥା ଆଇଆଇଏମ୍‌ଟି ନିର୍ଦ୍ଦେଶକ ଡଃ ଏ.କେ ଚୌବେଙ୍କୁ ପ୍ରଦାନ କରିଥିଲେ। ଏହି ପାଣ୍ଠିରେ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ଗବେଷକ, କାର୍ଯ୍ୟରତ ବୈଷୟିକ ବୃତ୍ତିଧାରୀଙ୍କ ମଧ୍ୟରେ ଏହି ପାଠ୍ୟକ୍ରମର ପ୍ରଚାର ପ୍ରସାର ନିମନ୍ତେ ବ୍ୟୟ କରାଯିବ। ଧାତବ ଉତ୍ପାଦନ କ୍ଷେତ୍ରରେ ଅଭିନବ ଉଦ୍ଭାବନ ନିମନ୍ତେ ମଧ୍ୟ ଗୁରୁତ୍ୱ ଦିଆଯିବ। ସମ୍ପ୍ରତି ଆଇଆଇଏମ୍, ଭୁବନେଶ୍ୱର ଚାପ୍ଟରରେ ୨୦୦ରୁ ଅଧିକ ସଦସ୍ୟ ରହିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏସାର ମିନମେଣ୍ଟ ଏମ୍‌ଡି ଏସ୍‌ଏସ୍ ମହାନ୍ତି, ଆଇଆଇଏମ୍-ଏଟିଏମ୍ ୨୦୨୩ କମିଟି ଅଧ୍ୟକ୍ଷ ଡଃ ରାମାନୁଜ ନାରାୟଣ ଓ ସଦାଶିବ ସାମନ୍ତରାୟ, ସମ୍ପାଦକ ଅଜିତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ଖରାରେ ସିଝୁଛନ୍ତି କଲେଜ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୫।୪(ସମିସ): ରାଜ୍ୟରେ କ୍ରମାଗତ ଭାବେ ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଉଛି। ସକାଳ ୧୦ଟା ହୋଇଗଲେ ଘରୁ ବାହାରିବା କାଠିକର ହୋଇପଡୁଛି। ମଧ୍ୟାହ୍ନରେ ଅଧିକ ପ୍ରଖର ସୂର୍ଯ୍ୟକିରଣ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି। ଶୁକ୍ରବାର ରାଜଧାନୀ ଭୁବନେଶ୍ୱର ରାଜ୍ୟର ସବୁଠୁ ଉତ୍ତପ୍ତ ସହର ଭାବେ ୪୩.୫ ଡିଗ୍ରୀ ଛୁଇଁଛି। ସକାଳ ୧୧ଟା ୩୦ରେ ପାରଦ ୩୯.୮ ଡିଗ୍ରୀ ଛୁଇଁଥିବା ବେଳେ ୨ଟା ୩୦ରେ ୪୩.୨ ଡିଗ୍ରୀ ଛୁଇଁଛି। ଏପରି ମୁଣ୍ଡଫଟା ଖରା ସତ୍ତ୍ୱେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ପାଠପଢ଼ା ଚାଲିଛି। ଛାତ୍ରଛାତ୍ରୀମାନେ ଖରାରେ ଯିବା ଆସିବା କରୁଛନ୍ତି। ମୁଣ୍ଡରେ କପଡ଼ା ଓ ଛତା ମଧ୍ୟ ଖରା ଦାଉରୁ ରକ୍ଷା କରିପାରୁନାହିଁ। ଏପରିସ୍ଥଳେ ସକାଳୁଆ କ୍ଲାସ୍ କରିବାକୁ ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକମାନେ ଦାବି କରିଛନ୍ତି।

ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ପାରଦ ୪୦ ଡିଗ୍ରୀ ଉପରେ ରହିଥିଲା। ୯ଟି ସହରର ତାପମାତ୍ରା ୪୨ଡିଗ୍ରୀ ଅତିକ୍ରମ କରିଥିବା ବେଳେ ୨୫ଟି ସହରର ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରହିଛି। ରାଜ୍ୟର ଅନେକ ଉଚ୍ଚଶିକ୍ଷାନୁଷ୍ଠାନରେ ସକାଳ ୮ରୁ ସଂଧ୍ୟା ୫ ଯାଏଁ ପାଠପଢ଼ା ହେଉଛି। ଛାତ୍ରଛାତ୍ରୀମାନେ ସାରାଦିନ ଖରାରେ ସନ୍ତୁଳି ହେଉଛନ୍ତି। ଖରାବେଳେ କ୍ଲାସ୍ ସରିଲେ ମଧ୍ୟ ଛାତ୍ରଛାତ୍ରୀମାନେ ଘରକୁ ଯାଇ ପାରୁନାହାନ୍ତି। ଫେରିବାକୁ ଅପରାହ୍ଣ ଯାଏଁ ଅପେକ୍ଷା କରୁଛନ୍ତି। ବିଭିନ୍ନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆରମ୍ଭ ହୋଇଥିବା ପରୀକ୍ଷା ସକାଳ ୮ରୁ ୧୧ଟା ଯାଏଁ କରାଯାଉଛି। ହେଲେ ପୂର୍ବ ନିର୍ଦ୍ଧାରିତ ସମୟ ସାରଣୀ ଅନୁଯାୟୀ ପାଠପଢ଼ା ହେଉଛି। ପୂର୍ବବର୍ଷଗୁଡ଼ିକରେ ଖରାକୁ ଦୃଷ୍ଟିରେ ରଖି ସକାଳ ୭.୩୦ରୁ ଦିନ ୧ଟା ଯାଏଁ ପାଠପଢ଼ା ହେଉଥିଲା। ଚଳିତ ବର୍ଷ ପାରଦ ୪୩ ଡିଗ୍ରୀପାର କରିସାରିଥିଲେ ମଧ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଏନେଇ ଓଡ଼ିଶା ସରକାରୀ କଲେଜ ଶିକ୍ଷକ ସଂଘ ସଭାପତି ଡଃ ମାନସ ବେହେରା କହିଛନ୍ତି, ଅସହ୍ୟ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସକାଳୁଆ ପାଠପଢ଼ା କରାଯାଉ। ଉଚ୍ଚଶିକ୍ଷା ବିଭାଗ ଯୁଗ୍ମ ସଚିବ ମୌସୁମୀ ନାୟକ କହିଛନ୍ତି, ସମସ୍ତ ମହାବିଦ୍ୟାଳୟରେ ସକାଳୁଆ ପରୀକ୍ଷା କରାଯାଉଛି। ଏହାସହ କଲେଜମାନଙ୍କୁ ପାଠପଢ଼ା ସୂଚୀରେ ପରିବର୍ତ୍ତନ କରି ସକାଳୁଆ କ୍ଲାସ୍ କରିବାକୁ ମଧ୍ୟ ଚିଠି କରାଯାଇଛି। ଏହାର ଅନୁପାଳନ ସମ୍ପର୍କରେ ପୁନଃ ଯାଞ୍ଚ କରି ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ।



ସକାଳୁଆ କ୍ଲାସ୍ ପାଇଁ କଲେଜକୁ ଚିଠି କରାଯାଇଛି
ଅନୁପାଳନ ସମ୍ପର୍କରେ ପୁନଃ ଯାଞ୍ଚ କରି ନିଆଯିବ ପଦକ୍ଷେପ

# ଶିମିଳିପାଳରେ ନିଆଁ

ବାରିପଦା, ୫।୪ (ସମିସ): ଶୁକ୍ରବାର ଶିମିଳିପାଳ ଅଭୟାରଣ୍ୟରେ ଚଳିତବର୍ଷର ପ୍ରଥମ ବନାଗ୍ନି ସ୍ଥିତି ଉପୁଜିଛି। ଅଭୟାରଣ୍ୟ ମଧ୍ୟରେ ଥିବା ଦୁଇ ଗୋଟି ବିଟ୍ ଅଞ୍ଚଳରେ ଫାୟାର ପଏଣ୍ଟ ଚିହ୍ନଟ ହୋଇଥିଲା। ତେବେ ବନ କର୍ମଚାରୀମାନେ ଉକ୍ତ ବନାଗ୍ନିକୁ ଆୟତ୍ତ କରିବାରେ ସଫଳ ହୋଇଛନ୍ତି। ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଥିବା ବେଳେ ଶୁକ୍ରବାର ଜିଲ୍ଲାରେ ପାରଦ ୪୦ ଡିଗ୍ରୀ ପାର୍ କରିଛି। ଏଥିଯୋଗୁଁ ଅଭୟାରଣ୍ୟରେ ନିଆଁ ଲାଗିଥିବା କୁହାଯାଉଛି। ସୂଚନାନୁଯାୟୀ, ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଥିବା ଦକ୍ଷିଣ ନଅଣାର ବଡ଼ାମକାବାଡ଼ି ବିଟ୍ ଏବଂ ଧୁଡୁଚମ୍ପା ବିଟ ଅଞ୍ଚଳରେ ଗୋଟିଏ ଲେଖାଏଁ ସ୍ଥାନରେ ସକାଳେ ନିଆଁ ଲାଗିଥିଲା। ବନାଗ୍ନି ନିୟନ୍ତ୍ରଣରେ ନିୟୋଜିତ କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଫାୟାର ଲାଇନ ସୃଷ୍ଟି କରିବା ସହ ବନାଗ୍ନିକୁ ରୋକିବାରେ ସଫଳ ହୋଇଥିଲେ। କିଛି ଦିନ ହେବ ବର୍ଷା ହୋଇନଥିବା ବେଳେ ତାତିରୁ ରକ୍ଷା ପାଇଁ ବର୍ଷାର ଆବଶ୍ୟକତା ରହିଛି। ବନ ବିଭାଗ କର୍ମଚାରୀ ଦିନରାତି ଏକ କରି ବ୍ଲୋୟର ମେସିନ ଜରିଆରେ ଫାୟାର ଲାଇନ ସୃଷ୍ଟି ସହ କିପରି ଶିମିଳିପାଳ ଅଭୟାରଣ୍ୟରେ ବନାଗ୍ନି ରୋକାଯିବ, ସେନେଇ ପ୍ରୟାସ ଜାରି ରହିଛି ବୋଲି କର୍ତ୍ତୃପକ୍ଷ କହିଛନ୍ତି। ୨୦୨୧ରେ ଅଭୟାରଣ୍ୟରେ ୪୪୩୯ଟି ଫାୟାର ପଏଣ୍ଟ ଠାବ ହୋଇଥିଲା। ୨୦୨୨ରେ ୪୮୯ଟି ଫାୟାର ପଏଣ୍ଟ ଦେଖିବାକୁ ମିଳିଥିଲା।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୩.୪୫ ● ପାଉଣ୍ଡ ୧୦୫.୯୯
- ୟୁରୋ ୯୦.୬୭ ● ୟେନ୍ ୦.୫୫

## ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା : ୬୪,୭୬୦ (ନୂଆଦିଲ୍ଲୀ)
- ରୁପା : ୮୨,୧୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୪,୨୪୮.୦୦
- ନିଫ୍ଟି ୨୨,୫୧୩.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



ଆର୍‌ବିଆଇର ନୂଆ ଯୋଜନା

# ୟୁପିଆଇରୁ ବ୍ୟାଙ୍କ ଖାତାରେ ଜମାହେବ ଟଙ୍କା

**ମୁମ୍ବଇ, ୫।୪(ଏଜେନ୍ସି)**



ଆବଶ୍ୟକ ହେବନି ଡେବିଟ୍ କିମ୍ବା କ୍ରେଡିଟ୍ କାର୍ଡ

ଶୀଘ୍ର ଆପଣ ୟୁନିଫାଏଡ୍ ପେମେଣ୍ଟସ୍ ଇଣ୍ଟରଫେସ୍ (ୟୁପିଆଇ) ମାଧ୍ୟମରେ ଆପଣଙ୍କ ବ୍ୟାଙ୍କ ଆକାଉଣ୍ଟରେ ନଗଦ ଟଙ୍କା ଜମା କରିବାକୁ ସମର୍ଥ ହେବେ। ଶୁକ୍ରବାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ମୁଦ୍ରା ନୀତି କମିଟି (ଏମପିସି) ବୈଠକରେ ଆରବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ୟୁପିଆଇର ଲୋକପ୍ରିୟତା ତଥା ଗ୍ରହଣୀୟତାକୁ ଦୃଷ୍ଟିରେ ରଖି ବର୍ତ୍ତମାନ ଏହା ମାଧ୍ୟମରେ ନଗଦ ଜମା ସୁବିଧା ପ୍ରଦାନ ପ୍ରସ୍ତାବ ରଖାଯାଇଛି। ଏହି ସୁବିଧା ସିଡିଏମ୍ (କ୍ୟାସ ଡିପୋଜିଟ ମେସିନ୍)ରେ ଉପଲବ୍ଧ ହେବ। ବର୍ତ୍ତମାନ, ଡେବିଟ୍ କାର୍ଡ ସିଡିଏମ୍‌ରୁ ନଗଦ ଜମା ପାଇଁ ବ୍ୟବହୃତ ହେଉଛି। ଆପଣ ୟୁପିଆଇ ମାଧ୍ୟମରେ ଦେୟ ଦେଇ ନଗଦ ଟଙ୍କା ମଧ୍ୟ ପ୍ରତ୍ୟାହାର କରିପାରିବେ। କ୍ୟାସ ଡିପୋଜିଟ ମେସିନ (ସିଡିଏମ) ମାଧ୍ୟମରେ ନଗଦ ଜମା ମୁଖ୍ୟତ ଡେବିଟ କାର୍ଡ ବ୍ୟବହାର ମାଧ୍ୟମରେ କରାଯାଇଥାଏ। ଆରବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଛନ୍ତି ଯେ ଏଟିଏମରେ ୟୁପିଆଇ ବ୍ୟବହାର କରି କାର୍ଡ କମ୍ ନଗଦ ପ୍ରତ୍ୟାହାରର ଅଭିଜ୍ଞତାକୁ ବିଚାରକୁ ନେଇ ବର୍ତ୍ତମାନ ୟୁପିଆଇ ବ୍ୟବହାର କରି ନଗଦ ଜମା ମେସିନ୍ (ବ୍ୟାଙ୍କ ଡିପୋଜିଟ ମେସିନ୍)ରେ ଟଙ୍କା ଜମା କରିବାର ସୁବିଧା ମଧ୍ୟ ଯୋଗାଇ ଦିଆଯିବ। ସେ କହିଛନ୍ତି ଯେ ଏହି ପଦକ୍ଷେପ ଗ୍ରାହକଙ୍କ ଗ୍ରାହକଙ୍କ ସୁବିଧାକୁ ଆହୁରି ବଢାଇବ। ଏଥିରେ ଡେବିଟ୍ କିମ୍ବା କ୍ରେଡିଟ୍ କାର୍ଡର ଆଶ୍ୟକତା ପଡିବନାହିଁ।

ଏହି ବ୍ୟବସ୍ଥା ବ୍ୟାଙ୍କଗୁଡିକରେ ମୁଦ୍ରା ପରିଚାଳନା ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରିବ। ଏହାଦ୍ୱାରା ଅଣ ବ୍ୟାଙ୍କ ପେମେଣ୍ଟ ଅପରେଟରମାନେ ମଧ୍ୟ ଇ-ରୁପିରେ ବ୍ୟବସାୟ କରିପାରିବେ। କେନ୍ଦ୍ରୀୟ ବ୍ୟାଙ୍କ ଖୁବ୍ ଶୀଘ୍ର ବ୍ୟାଙ୍କଗୁଡିକର ଲିକ୍ୟୁଇଟି କଭରେଜ୍ ଅନୁପାତ (ଏଲ୍‌ସିଆର୍)ର ସଂଶୋଧନ ଉପରେ ଏକ ଚିଠା ମାର୍ଗଦର୍ଶିକା ଜାରି କରିବ।

### ଆର୍‌ବିଆଇର ଘୋଷଣା: ଖୁଚୁରା ନିବେଶକୁ ଗୁରୁତ୍ୱ

## ଏଣିକି ସରକାରୀ ବଣ୍ଡରେ ନିବେଶ କରିପାରିବେ ସାଧାରଣଜନତା

**ନୂଆଦିଲ୍ଲୀ, ୫।୪(ଏଜେନ୍ସି):** ମୁଦ୍ରା ନୀତି କମିଟି (ଏମପିସି) ବୈଠକରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଏକ ବଡ଼ ଘୋଷଣା କରିଛି। ରିଟେଲ ଡାଇରେକ୍ଟ ସ୍କିମକୁ ଗୁରୁତ୍ୱ ଦେବାକୁ ଯାଇ ଆରବିଆଇ ଏକ ନୂଆ ମୋବାଇଲ ଆପ୍ ପ୍ରସ୍ତୁତ କରୁଛି। ସାଧାରଣ ଭାବେ ଏଲଆଇସି, ଏସ୍‌ବିଆଇ ପରି ଦେଶର ବଡ଼ ବଡ଼ ଆର୍ଥିକ ସଂସ୍ଥା ସରକାରୀ ସିକ୍ୟୁରିଟିଜ୍ (ବଣ୍ଡସ)ରେ ନିବେଶ କରିଥାନ୍ତି। ମାତ୍ର ସାଧାରଣ ଜନତା ସେଥିରେ ନିବେଶ କରିବା ମୁସ୍କିଲ ହୋଇଥାଏ। ତେଣୁ ଖୁଚୁରା ନିବେଶକୁ ପ୍ରାଧାନ୍ୟ ଦେବା ଲକ୍ଷ୍ୟରେ ଆରବିଆଇ ଏକ ମୋବାଇଲ ଆପ୍ ବିକଶିତ କରୁଥିବା ଏମ୍‌ପିସି ବୈଠକରେ କେନ୍ଦ୍ରୀୟ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ସୂଚନା ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଗତ ୨୦୨୧ ନଭେମ୍ବର ମାସରେ ଆରବିଆଇ ଏକ ରିଟେଲ 'ଡାଇରେକ୍ଟ ସ୍କିମ୍' ଆଣିଥିଲା। ସ୍ୱାଧୀନ ନିବେଶକଙ୍କୁ ସରକାରୀ ସିକ୍ୟୁରିଟିଜରେ ନିବେଶ ସୁବିଧା ପ୍ରଦାନ କରିବା ତାହାର ଲକ୍ଷ୍ୟ ରହିଥିଲା। ଉକ୍ତ ସ୍କିମ ମାଧ୍ୟମରେ ନିବେଶକମାନେ ପ୍ରାଥମିକ ବିଡିଂରେ ସରକାରୀ ସିକ୍ୟୁରିଜ କିଣିବା ସହିତ ଏନଡିଏସ-ଓଏମ ପ୍ଲାଟଫର୍ମରେ ଟ୍ରେଡ କରିବାର ସୁବିଧା ପାଇବେ। ସରକାରୀ ବଣ୍ଡସରେ ଏହି ରିଟେଲ ଇନଭେଷ୍ଟମେଣ୍ଟକୁ ଅଧିକ ସହଜସାଧ୍ୟ କରାଇବା ପାଇଁ କେନ୍ଦ୍ରୀୟ ବ୍ୟାଙ୍କ ଏକ 'ଡାଇରେକ୍ଟ ପୋର୍ଟାଲ'ର ମୋବାଇଲ ଆପ୍ ଡେଭଲପ୍ କରୁଛି। ଏହି ଆପ୍ ସହାୟତାରେ ନିବେଶକମାନେ ନିଜ ପସନ୍ଦ ମୁତାବକ ସରକାରୀ ବଣ୍ଡରେ ନିବେଶ କରିପାରିବେ। ଏହି ମୋବାଇଲ ଆପ୍ ଖୁବଶୀଘ୍ର ସାଧାରଣ ଜନତାଙ୍କ ପାଇଁ ଉପଲବ୍ଧ ହେବ।

# ଭାରତ ପାଇଁ ୮% ଅଭିବୃଦ୍ଧି ହାର ଆମର ଆକଳନ ନୁହେଁ: ଆଇଏମ୍‌ଏଫ୍

**ନୂଆଦିଲ୍ଲୀ, ୫।୪(ଏଜେନ୍ସି)**




ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ଏହାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କୃଷ୍ଣମୂର୍ତ୍ତି ସୁବ୍ରମଣ୍ୟମଙ୍କ ଭାରତର ଅଭିବୃଦ୍ଧି ହାର ସମ୍ପର୍କରେ ଦେଇଥିବା ବିବୃତ୍ତିରୁ ନିଜକୁ ଦୂରେଇ ରଖିଛି ଯେ ଏହି ଆକଳନ ଏଜେନ୍ସିର ନୁହେଁ। ଆଇଏମ୍‌ଏଫ୍ କହିଛି ଯେ ସୁବ୍ରମଣ୍ୟମ୍ ଆଇଏମ୍‌ଏଫ୍‌ର ପ୍ଲାଟଫର୍ମରେ ଭାରତର ପ୍ରତିନିଧୀ ଭାବରେ କାର୍ଯ୍ୟ କରୁଛନ୍ତି।

ଆଇଏମ୍‌ଏଫ୍ ମୁଖପାତ୍ର ଜୁଲି କୋଜାକ ଗୁରୁବାର ଏଠାରେ ଗଣମାଧ୍ୟମକୁ କହିଛନ୍ତି ଯେ, ସୁବ୍ରମଣ୍ୟନଙ୍କ ଦ୍ୱାରା ଆଇଏମ୍‌ଏଫ୍ ପାଇଁ ଭାରତର ପ୍ରତିନିଧୀ ଭାବରେ ତାଙ୍କର ଭୂମିକା ରହିଛି। ସେ ସୁବ୍ରମଣ୍ୟମ ନିକଟରେ ଦେଇଥିବା ବୟାନ ଉପରେ ଏକ ପ୍ରଶ୍ନର ଉତ୍ତର ଦେଇ କହିଲେ ଯେ, ସେ ଭାରତ ପାଇଁ ଆଠ ପ୍ରତିଶତ ଅଭିବୃଦ୍ଧିର ଆକଳନ କରିଥିଲେ। ଆଇଏମ୍‌ଏଫ୍ ଦ୍ୱାରା ପ୍ରକାଶିତ ପୂର୍ବ ଅଭିବୃଦ୍ଧି ହାର ପୂର୍ବାନୁମାନଠାରୁ ଏହା ଭିନ୍ନ। ମାର୍ଚ୍ଚ ୨୮ ରେ ନୂଆଦିଲ୍ଲୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସୁବ୍ରମଣ୍ୟମ୍ କହିଥିଲେ ଯେ ଯଦି ଗତ ୧୦ ବର୍ଷ ମଧ୍ୟରେ ଲାଗୁ ହୋଇଥିବା ଭଲ ନୀତିକୁ ଦୁଦ୍ୱିଗୁଣିତ ହୁଏ ଏବଂ ସଂସ୍କାରକୁ ତ୍ୱରାନ୍ୱିତ କରେ ତେବେ ୨୦୪୭ ସୁଦ୍ଧା ଭାରତୀୟ ଅର୍ଥନୀତି ୮ ପ୍ରତିଶତ ଅଭିବୃଦ୍ଧି ହାସଲ କରିପାରେ। ସେ କହିଥିଲେ, ତେଣୁ ମୌଳିକ ଧାରଣା ହେଉଛି ଯେ ଗତ ୧୦ ବର୍ଷ ମଧ୍ୟରେ ଭାରତ ଯେଉଁ ପ୍ରକାର ଅଭିବୃଦ୍ଧି ଦେଖିଛି, ଯଦି ଆମେ ଗତ ୧୦ବର୍ଷ ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ଭଲ ନୀତିକୁ ଦୁଇଗୁଣ କରି ସଂସ୍କାରକୁ ତ୍ୱରାନ୍ୱିତ କରିପାରିବା, ତେବେ ଭାରତ ନିଶ୍ଚିତ ଭାବରେ ଆଠ ପ୍ରତିଶତ ଅଭିବୃଦ୍ଧି ହାସଲ କରିପାରିବ। ଏଠାରେ ୨୦୪୭ ପର୍ଯ୍ୟନ୍ତ। ଆଇଏମ୍‌ଏଫ୍ ମୁଖପାତ୍ର ସ୍ପଷ୍ଟ କରିଛନ୍ତି ଯେ ଆମର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କୁ ନେଇ ଏକ କାର୍ଯ୍ୟନିର୍ବାହୀ ବୋର୍ଡ ରହିଛି, ଯେଉଁମାନେ ଦେଶ କିମ୍ବା ଜାତୀୟ ଗୋଷ୍ଠୀର ପ୍ରତିନିଧିତ୍ୱ କରିଥାନ୍ତି। ଏହା ନିଶ୍ଚିତ ଭାବରେ ଆଇଏମ୍‌ଏଫ୍ କର୍ମଚାରୀଙ୍କ କାର୍ଯ୍ୟଠାରୁ ଭିନ୍ନ। ଆସନ୍ତା କିଛି ସପ୍ତାହ ମଧ୍ୟରେ ଆଇଏମ୍‌ଏଫ୍ ଏହାର ବିଶ୍ୱ ଅର୍ଥନୈତିକ ଦୃଷ୍ଟିକୋଣକୁ ସଂଶୋଧନ କରିବ ବୋଲି କୋଜାକ କହିଛନ୍ତି। କିନ୍ତୁ ଜାନୁୟାରୀ ସୁଦ୍ଧା ଆମର ଅଭିବୃଦ୍ଧି ପୂର୍ବାନୁମାନ ୬.୫ ପ୍ରତିଶତ ମଧ୍ୟମ ଅବଧି ଅଭିବୃଦ୍ଧି ପାଇଁ ଥିଲା ଏବଂ ଏହା ଅକ୍ଟୋବରରୁ ସାମାନ୍ୟ ଉପର ସଂଶୋଧନ ଥିଲା। ପୁନର୍ବାର, ଆମେ କିଛି ସପ୍ତାହ ମଧ୍ୟରେ ସର୍ବଶେଷ ପୂର୍ବାନୁମାନ ପ୍ରଦାନ କରିବୁ ବୋଲି ସେ କହିଛନ୍ତି।

# ରିଲାଏନ୍ସ ଡିଜିଟାଲ୍‌ରେ ଡିଜିଟାଲ୍ ଡିସ୍‌କାଉଣ୍ଟ ଡେ

**ଭୁବନେଶ୍ୱର, ୫।୪(ସିମସ):** ରିଲାଏନ୍ସ ଡିଜିଟାଲ୍ ପକ୍ଷରୁ ଅତୁଳନୀୟ ଅଫର୍ ସହିତ ଆରମ୍ଭ କରାଯାଇଛି ଡିଜିଟାଲ୍ ଡିସକାଉଣ୍ଟ ଡ଼େ। ଏହି ସେଲ୍ ଏପ୍ରିଲ୍ ୬ ରୁ ୧୫ ପର୍ଯ୍ୟନ୍ତ ଚାଲିବ। ଏହା ସମସ୍ତ ରିଲାଏନ୍ସ ଡିଜିଟାଲ୍ ଷ୍ଟୋର୍ ଏବଂ ମୋ ଜିଓ ଷ୍ଟୋର ଗୁଡିକରେ ଉପଲବ୍ଧ ହେଉଛି। ଗ୍ରାହକମାନେ ଅଗ୍ରଣୀ ବ୍ୟାଙ୍କ କାର୍ଡରେ ୧୦% ତତକ୍ଷଣାତ୍ ରିହାତି ପାଇପାରିବେ କିମ୍ବା ଏହି ସେଲ୍ ସମୟରେ ନମନୀୟ ଇଏମ୍‌ଆଇ ବିକଳ୍ପ ସହିତ କଞ୍ଜ୍ୟୁମର ଡ୍ୟୁରେବଲ୍ ଋଣ ଉପରେ ୧୫ ହଜାର ଟଙ୍କାର କ୍ୟାସବ୍ୟାକ୍ ପାଇବେ। ରିଲାଏନ୍ସ ଡିଜିଟାଲ୍ ଏହାର ସର୍ବବୃହତ ଇଲେକ୍ଟ୍ରୋନିକ୍ସ ବିକ୍ରୟ, 'ଡିଜିଟାଲ୍ ଡିସ୍‌କାଉଣ୍ଟ ଡେଜ୍' ଇଲେକ୍ଟ୍ରୋନିକ୍ସ ଉପରେ ଅନନ୍ୟ ରିଆତି ଘୋଷଣା କରିଛି। ଗ୍ରାହକମାନେ ସମସ୍ତ ରିଲାଏନ୍ସ ଡିଜିଟାଲ୍ କିମ୍ବା ମୋ ଜିଓ ଷ୍ଟୋରରେ ଏହି ଅତୁଳନୀୟ ଅଫରଗୁଡିକ ପାଇପାରିବେ। ଡିଜିଟାଲ୍ ରିଆତି ଦିନ ବିକ୍ରୟ ସମୟରେ ଗ୍ରାହକମାନେ ଅଗ୍ରଣୀ ବ୍ୟାଙ୍କ କାର୍ଡରେ ୧୦% ତତକ୍ଷଣାତ୍ ରିଆତି ପାଇପାରିବେ କିମ୍ବା ୧୫ ଏପ୍ରିଲ, ପର୍ଯ୍ୟନ୍ତ ସେମାନଙ୍କ ପ୍ରିୟ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉପରେ କଞ୍ଜ୍ୟୁମର ଡ୍ୟୁରେବଲ୍ ଋଣ ସହିତ ୧୫ ହଜାର ଟଙ୍କାର କ୍ୟାସବ୍ୟାକ୍ ପାଇପାରିବେ।




ଏଥିରେ ଗ୍ରାହକ ଏଲ୍‌ଜି ଓଏଲ୍‌ଇଡି ଏବଂ ସାମସଙ୍ଗ ନିଓ କ୍ୟୁଏଲ୍‌ଇଡି ଟିଭି ଉପରେ ୪୫% ରିଆତି ପାଆନ୍ତୁ, ଯାହାର ପ୍ରାରମ୍ଭିକ ମୂଲ୍ୟ ୭୯,୯୯୦ ଟଙ୍କା। ୪୩ ଇଞ୍ଚ ଫୁଲ୍ ଏଚ୍‌ଡି ଟିଭି ଉପରେ ୪୦% ରିଆତି ଉପଭୋଗ କରନ୍ତୁ, ମାତ୍ର ୧୬,୯୯୦ ଟଙ୍କାରୁ ଆରମ୍ଭ। ସମସ୍ତ ଆପଲ୍ ଆଇଫୋନ୍ ଉପରେ ୧୨,୦୦୦ ଟଙ୍କା ପର୍ଯ୍ୟନ୍ତ ଏକ ଡବଲ୍ ଏକ୍ସଚେଞ୍ଜ୍ ବୋନସ୍ ପ୍ରାପ୍ତ କରନ୍ତୁ। ଆପଣଙ୍କ ପୁରୁଣା ଡିଭାଇସ୍‌ରେ ଟ୍ରେଡ୍ କରିବା ଏବଂ ଟେକ୍ନୋଲୋଜିର ଅତ୍ୟାଧୁନିକତାକୁ ଗ୍ରହଣ କରିବା ପାଇଁ ଏହି ସୁଯୋଗରୁ ବଞ୍ଚିତ ହୁଅନ୍ତୁ ନାହିଁ। ଲାପଟପ୍ ଉପରେ ଅତୁଳନୀୟ କାରବାର ସହିତ ନବୀନତାର ଶକ୍ତି ଅନୁଭବ କରନ୍ତୁ।

## ଜମୁଛି ମେଗା ସପିଂ ବଜାର




**ଭୁବନେଶ୍ୱର, ୫।୪(ସମିସ):** ସ୍ଥାନୀୟ ସହିଦ ନଗରସ୍ଥିତ ଦୁର୍ଗାପୂଜା ପଡିଆଠାରେ ସବୁ ବର୍ଷ ଭଳି ଚଳିତବର୍ଷ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀର ପ୍ରଦର୍ଶନୀ ମେଗା ସପିଂ ବଜାର ଖୋଲିଛି। ଏହି ମେଳା ସହିଦ ନଗର ଦୁର୍ଗାପୂଜା ସମିତିର ସଭାପତି ହେମନ୍ତ କୁମାର ପରିଡା ଓ ସମ୍ପାଦକ ସଚ୍ଚିଦାନନ୍ଦ ନାୟକ ଏବଂ ପୂଜାର ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଉଦ୍‌ଘାଟନ ହୋଇଛି। ମେଳା ଏକମାସ ପର୍ଯ୍ୟନ୍ତ ଚାଲିବ ଏଠାରେ ସବୁ ରାଜ୍ୟର କୁଶଳୀ କାରିଗରମାନଙ୍କର ଦୋକାନ ହସ୍ତତନ୍ତ, ଟେରାକୋଟା, ଜୁଏଲରୀ, କସ୍‌ଟିକ୍, ବେଡ୍‌ସିଟ୍, ଗୁଜୁରାଟୀ ଖଦି ଡ୍ରେସ୍, ଶାଢୀ, ପିଲାମାନଙ୍କର ପୋଷାକ ଓ ପୁରୁଷ ଓ ମହିଳାଙ୍କ ପୋଷାକ ଉପଲବ୍ଧ।

## ବନ୍ଧନ ଇନୋଭେସନ୍ ଫଣ୍ଡର ଶୁଭାରମ୍ଭ

Bandhan Mutual Fund

**ଭୁବନେଶ୍ୱର, ୫।୪(ସମିସ):** ବନ୍ଧନ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ବନ୍ଧନ ଇନୋଭେଶନ ଫଣ୍ଡର ଶୁଭାରମ୍ଭ ଘୋଷଣା କରାଯାଇଛି। ଏହା ହେଉଛି ଏକ ଓପନ୍-ଏଣ୍ଡେଡ ଥିମାଟିକ ଫଣ୍ଡ ଯାହାକି ଉଦ୍ଭାବନର ଆଗଧାଡିରେ ଥିବା କମ୍ପାନୀଗୁଡିକରେ ନିବେଶ କରିବା ପାଇଁ ଉତ୍ସର୍ଗୀକୃତ। ଏହି ଫଣ୍ଡ ଗୁରୁତ୍ୱପୂର୍ଣ୍ଣ ଆର୍‌ଆଣ୍ଡଡି ନିବେଶ, ଉଚ୍ଚ କୁଶଳୀ କର୍ମଚାରୀ ଖର୍ଚ୍ଚ, ଅପେକ୍ଷାକୃତ ଅଧିକ ମାର୍ଜିନ କିମ୍ବା ଅଭିବୃଦ୍ଧି, ସ୍ୱତନ୍ତ୍ର ଉତ୍ପାଦ କିମ୍ବା ସେବା, ନନ୍-ଲିନିୟର ବିଜ୍ନେସ ମଡେଲ ଓ ଏକ ଉଲ୍ଲେଖନୀୟ ବ୍ରାଣ୍ଡ ଉପସ୍ଥିତି ଥିବା ବ୍ରାଣ୍ଡଗୁଡିକୁ ଟାର୍ଗେଟ କରୁଛି। ଏହି ନୂଆ ଫଣ୍ଡ ଅଫର୍ (ଏନ୍‌ଏଫ୍‌ଓ) ଆସନ୍ତା ଏପ୍ରିଲ ୧୦ ବୁଧବାର ଆରମ୍ଭ ହେବ ଏବଂ ବୁଧବାର ଶେଷ ହେବ। ବନ୍ଧନ ଇନୋଭେଶନ ଫଣ୍ଡରେ ନିବେଶ ଲାଇସେନ୍ସପ୍ରାପ୍ତ ମ୍ୟୁଚୁଆଲ ଫଣ୍ଡ ବିତରଣକାରୀ, ନିବେଶ ପରାମର୍ଶଦାତା, ଅନ୍‌ଲାଇନ ପ୍ଲାଟଫର୍ମରେ କରାଯାଇପାରିବ। ଏହି ଏନ୍‌ଏଫ୍‌ଓ ସମ୍ପର୍କରେ ବନ୍ଧନ ଏଏମ୍‌ସିର ସିଇଓ ବିଶାଲ କପୁର କହିଛନ୍ତି, ଆଜି ଭାରତର ବିକଶିତ ଉଦ୍ଭାବନ ପରିଦୃଶ୍ୟ ଏକ ଉତ୍ସାହଜନକ ନିବେଶ ସୁଯୋଗ ଉପସ୍ଥାପନ କରୁଛି। ଆମେ କେବଳ ଟେକ୍ନୋଲୋଜି କ୍ଷେତ୍ରରେ ନୁହେଁ ବରଂ ଫାଇନାନ୍ସ, ଅଟୋ, ଟେକ୍ନୋଲୋଜି, ସ୍ୱାସ୍ଥ୍ୟସେବା, ମନୋରଞ୍ଜନ, ରିଟେଲ କ୍ଷେତ୍ରରେ ଅତ୍ୟାଧୁନିକ ପରିବର୍ତ୍ତନଗୁଡିକୁ ପରିଲକ୍ଷିତ କରୁଛୁ। ଗ୍ଲୋବାଲ ଇନୋଭେଶନ ର୍‍ୟାଙ୍କିଙ୍ଗରେ ଭାରତର ଆରୋହଣ ଏବଂ ଡିଜିଟାଲ ମିଡିଆ, ଇକମର୍ସ ଓ ଇଲେକ୍ଟ୍ରିକ ଯାନ ଭଳି କ୍ଷେତ୍ରରେ ସୁଗମ ଅଗ୍ରଗତି ସହିତ ଆମେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଅବସ୍ଥାପିତ ହୋଇଛୁ। ବନ୍ଧନ ଇନୋଭେଶନ ଫଣ୍ଡକୁ ଏଭଳି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଉପରେ ପୁଞ୍ଜି ହାସଲ କରିବା ପାଇଁ ନିର୍ମାଣ କରାଯାଇଛି ଯାହା ଉଦ୍ଭାବନ ପରିଚାଳିତ ଅଭିବୃଦ୍ଧିର ଏହି ସ୍ରୋତରେ ଯୋଗ ଦେବା ପାଇଁ ନିବେଶକମାନଙ୍କୁ ଆମନ୍ତ୍ରିତ କରୁଛି।

## ୟୁନିୟନ୍ ବ୍ୟାଙ୍କ ବ୍ରହ୍ମପୁର କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ

**ଭୁବନେଶ୍ୱର, ୫।୪(ସମିସ):**



ରାଷ୍ଟ୍ରାୟତ୍ତ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ରହ୍ମପୁର କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ବଂଶୀଧର ତ୍ରିପାଠୀ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ କାନପୁର କ୍ଷେତ୍ରର ଉପ-କ୍ଷେତ୍ରୀୟ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ୨୦୦୯ ମସିହାରେ ବ୍ୟାଙ୍କରେ ଯୋଗ ଦେଇଥିବା ଶ୍ରୀ ତ୍ରିପାଠୀଙ୍କର ମୁମ୍ବାଇ, ଅହମ୍ମଦାବାଦ, ଚଣ୍ଡିଗଡ, ପୁଣେ, ରାଜକୋଟ ଏବଂ କାନପୁର ଆଦି ବିଭିନ୍ନ ସ୍ଥାନରେ ବିଭିନ୍ନ ପଦପଦବୀରେ କାର୍ଯ୍ୟ କରିବାର ଦୀର୍ଘ ୧୫ ବର୍ଷର ଅଭିଜ୍ଞତା ରହିଛି। ବ୍ରହ୍ମପୁର କ୍ଷେତ୍ର ଅଧିନରେ ଥିବା ଗଞ୍ଜାମ, ବୌଦ୍ଧ, ନୟାଗଡ ଓ କନ୍ଧମାଳ ଜିଲ୍ଲାରେ ବ୍ୟାଙ୍କର ୬୩ଟି ଶାଖା ରହିଥିବାବେଳେ ଏହି କ୍ଷେତ୍ରରେ ବ୍ୟାଙ୍କର ମୋଟ ବ୍ୟବସାୟ ୬,୪୩୬ କୋଟିରେ ପହଞ୍ଚିଛି। ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ଶ୍ରୀ ତ୍ରିପାଠୀ ଡିଜିଟାଇଜେସନ୍ ଓ କ୍ରେଡିଟ୍ ଉପରେ ଅଧିକ ଧ୍ୟାନ ଦେବେ ବୋଲି ପ୍ରକାଶ କରିଛନ୍ତି।

# ଡ୍ରାଗନ୍‌ର ନୂଆ ଚାଲ୍, ସମଗ୍ର ବିଶ୍ୱରେ ଆତଙ୍କ

**ନୂଆଦିଲ୍ଲୀ, ୫।୪(ଏଜେନ୍ସି)**



- ଇଭି, ସୌର ଯନ୍ତ୍ରାଂଶର ଉତ୍ପାଦନ ବଢ଼ାଯାଉଛି
- ଚୀନ୍‌ର ଏହି କାର୍ଯ୍ୟ ବିଶ୍ୱ ଶିଳ୍ପ ପାଇଁ ବିପଦ
- ଶିଳ୍ପକୁ ଅଧିକ ସବ୍‌ସିଡି ଦେଉଛନ୍ତି ସରକାର

ବିଶ୍ୱର ଦ୍ୱିତୀୟ ବୃହତ୍ ଅର୍ଥନୀତି ଥିବା ଦେଶ ବର୍ତ୍ତମାନ ସମୟରେ ଅର୍ଥନୈତିକ କ୍ଷେତ୍ରରେ ଅନେକ ଆହ୍ୱାନର ସମ୍ମୁଖୀନ ହେଉଛି। ଦେଶର ଅର୍ଥନୀତିର ମେରୁଦଣ୍ଡ ଭାବରେ ବିବେଚନା କରାଯାଉଥିବା ରିଅଲ୍ ଇଷ୍ଟେଟ୍ କ୍ଷେତ୍ର ପ୍ରାୟ ବୁଡିଯାଇଛି। ଏହା ଚାଇନାର ଜିଡିପିର ପ୍ରାୟ ୩୦ ପ୍ରତିଶତ। ରିଅଲ ଇଷ୍ଟେଟ କ୍ଷେତ୍ରର ପତନ ସମଗ୍ର ଅର୍ଥନୀତି ପାଇଁ ବିପଦ ସୃଷ୍ଟି କରୁଛି। ଏହାର କ୍ଷତିପୂରଣ ପାଇଁ ଚୀନ୍ ବର୍ତ୍ତମାନ ଆଉ ଏକ ମାର୍ଗ ନେଇଛି। ବୈଦ୍ୟୁତିକ ଯାନ (ଇଭି) ନିର୍ମାଣରେ ବ୍ୟବହୃତ ହେଉଥିବା ଉପାଦାନ ଏବଂ ସୌର ପ୍ୟାନେଲ ଉତ୍ପାଦନ ଚାଇନା ଦ୍ରୁତ ଗତିରେ ଜାରି ରଖାଇଛି। ଚାଇନାରେ ଚାହିଦା ଅପେକ୍ଷା ସାମଗ୍ରୀର ଦୁଇଗୁଣ ଅଧିକ ଉତ୍ପାଦନ କରାଯାଉଛି। ଏହି ସାମଗ୍ରୀ ଆମେରିକା ସମେତ ସାରା ବିଶ୍ୱରେ ବଜାରରେ ବ୍ୟବହାର କରାଯାଉଛି। ଏଥିପାଇଁ ବର୍ତ୍ତମାନ ଚୀନ୍ ସରକାର ଶିଳ୍ପକୁ ବିପୁଳ ସବ୍‌ସିଡି ଦିଆଯାଉଛି। ଚାଇନା ଗସ୍ତରେ ଥିବା ଆମେରିକାର ଅର୍ଥମନ୍ତ୍ରୀ ଜାନେଟ ୟେଲେନ୍ ମଧ୍ୟ ଏହାକୁ ଚେତାବନୀ ଦେଇଛନ୍ତି ଯେ ଶିଳ୍ପ ପାଇଁ ବେଜିଂର ସବ୍‌ସିଡି ବିଶ୍ୱ ପାଇଁ ବିପଦ ସୃଷ୍ଟି କରିପାରେ।

ଏକ ବର୍ଷରୁ କମ୍ ସମୟ ମଧ୍ୟରେ ୟେଲେନ୍ ଦ୍ୱିତୀୟ ଥର ଚୀନ୍ ଗସ୍ତ କରୁଛନ୍ତି। ଗୁରୁବାର ଦିନ ସେ ଚୀନ୍‌ର ଦକ୍ଷିଣ ସହର ଗୁଆଙ୍ଗଜୋରେ ପହଞ୍ଚିଥିଲେ। ଆମେରିକାର ତଥା ଅନ୍ୟାନ୍ୟ ଦେଶର କମ୍ପାନୀକୁ ଦୁର୍ବଳ କରୁଥିବା ଚୀନ୍‌ର ନୀତିକୁ ନେଇ ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଚାଇନା ସୌର ପ୍ୟାନେଲ, ବୈଦ୍ୟୁତିକ ଯାନ ଏବଂ ବ୍ୟାଟେରୀ ପରି ଶିଳ୍ପକୁ ବିପୁଳ ସବ୍‌ସିଡି ଦେଉଛି। ଏହି କାରଣରୁ ଚାଇନାରୁ ଆସୁଥିବା ଶସ୍ତା ଦ୍ରବ୍ୟ ଯୋଗୁଁ ବିଶ୍ୱର ଅନ୍ୟ ଦେଶର ଶିଳ୍ପଗୁଡ଼ିକ ନଷ୍ଟ ହୋଇପାରେ। ଶୁକ୍ରବାର ଦିନ ଗୁଆଙ୍ଗଜୋରେ ଏକ କାର୍ଯ୍ୟକ୍ରମରେ ୟେଲେନ୍ କହିଛନ୍ତି ଯେ ପ୍ରତ୍ୟକ୍ଷ ତଥା ପରୋକ୍ଷ ସରକାରୀ ସହଯୋଗରେ ଚାଇନାର ଶିଳ୍ପ ଘରୋଇ ଚାହିଦା ଅପେକ୍ଷା ଅଧିକ ସାମଗ୍ରୀ ଉତ୍ପାଦନ କରୁଛି, ଯାହା ବିଶ୍ୱ ବଜାର ପାଇଁ ବିପଦ। ସେ କହିଛନ୍ତି ଯେ ଏଭଳି ଆଶାଙ୍କା ଚୀନ୍ ବିରୋଧୀ ନୀତିର ଅଂଶ ନୁହେଁ, କିନ୍ତୁ ଯଦି ଚୀନ୍ ତା'ର ଏପରି ନୀତିରେ କୌଣସି ପରିବର୍ତ୍ତନ ନ ଘଟାଏ ତେବେ ବିଶ୍ୱ ଅର୍ଥନୀତି ବିପଦରେ ପଡିପାରେ।

ଆମେରିକାର ଅର୍ଥମନ୍ତ୍ରୀ କହିଛନ୍ତି ଯେ ୱାଶିଂଟନ୍ ଆମେରିକା-ଚୀନ୍ ସମ୍ପର୍କକୁ ପରିଚାଳନା କରିବାକୁ ଚାହୁଁଛି ଯାହା ଦ୍ୱାରା ସେମାନେ ନମନୀୟ ଏବଂ ଚ୍ୟାଲେଞ୍ଜିଂ ପରିସ୍ଥିତିର ସମ୍ମୁଖୀନ ହୋଇପାରିବେ। ସେ କହିଛନ୍ତି ଯେ ଚାଇନାରେ କାର୍ଯ୍ୟ କରୁଥିବା ଆମେରିକୀୟ କମ୍ପାନୀଗୁଡିକ ସମ୍ମୁଖୀନ ହେଉଥିବା ଅସୁବିଧା ବିଷୟରେ ସେ ଚୀନ୍ ଅଧିକାରୀଙ୍କ ସହ ଆଲୋଚନା କରିବେ। ୱାଶିଂଟନ୍‌ର ଚିନ୍ତା ଏପରି ଏକ ସମୟରେ ଆସିଛି ଯେତେବେଳେ ଆମେରିକାର ରାଷ୍ଟ୍ରପତି ଜୋ ବିଡେନ୍ ସ୍ୱଚ୍ଛ ଶକ୍ତିରେ ଘରୋଇ ଉତ୍ପାଦନକୁ ବୃଦ୍ଧି କରିବାକୁ ଚେଷ୍ଟା କରୁଛନ୍ତି। ନୀତି ନିର୍ଦ୍ଧାରଣକାରୀମାନେ ଚେତାବନୀ ଦେଇଛନ୍ତି ଯେ ଚୀନ୍‌ର ଅତିରିକ୍ତ କ୍ଷମତା ସେହି ଶିଳ୍ପଗୁଡିକର ଅଭିବୃଦ୍ଧିରେ କ୍ଷତି ପହଞ୍ଚାଇପାରେ। ବିଶେଷଜ୍ଞମାନେ କହିଛନ୍ତି ଯେ ଇଭି କ୍ଷେତ୍ରରେ ଚୀନ୍‌ର ବଢୁଥିବା ଶକ୍ତିକୁ ନେଇ ବିଡେନ୍ ପ୍ରଶାସନ ଚିନ୍ତିତ।

